

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:103+5 August 2026 (Wednesday)+Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୧୦୩+୫ ଅଗଷ୍ଟ ୨୦୨୬ (ବୁଧବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬


# ବ୍ରହ୍ମପୁରରେ ରାଷ୍ଟ୍ରପତି, ଛୋଟଛୁଆଙ୍କୁ ଦେଖି ବାଣ୍ଟିଲେ ଚକ୍‌ଲେଟ



ଗଞ୍ଜାମ କଳାକାରଙ୍କ ସହ ଉଠାଇଲେ ଫଟୋ

ବ୍ରହ୍ମପୁର, ୪/୮(ନି/ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଛନ୍ତି । ମଙ୍ଗଳବାର ପୂର୍ବାହ୍ନ ୧୧ଟା ୧୦ ମିନିଟ୍‌ରେ ସେ ବ୍ରହ୍ମପୁର ରେଲଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରେ ପହଞ୍ଚି ଥିଲେ । ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ରେଲଷ୍ଟେସନରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସୁନ୍ଦର ସାଜସଜ୍ଜା ଏବଂ ପରିଷ୍କାର-ପରିଚ୍ଛନ୍ନତାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଗଞ୍ଜାମର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ପରମ୍ପରାର ଝଲକ ସ୍ୱରୂପ ବ୍ୟାଘ୍ର ନୃତ୍ୟ, ସଂକୀର୍ତ୍ତନ, ପାରମ୍ପରିକ ନୃତ୍ୟ ପରିବେଷଣ ଏବଂ ଶୁଭ ଶଙ୍ଖଧ୍ୱନି ମଧ୍ୟରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ରାଷ୍ଟ୍ରପତି କଳାକାରମାନଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିବା ସହ ସେମାନଙ୍କ ସହ ଫଟୋ ଉଠାଇ ଉତ୍ସାହିତ କରିଥିଲେ । ରେଲଷ୍ଟେସନ ପରିସରରେ ଉପସ୍ଥିତ ସାଧାରଣ ଜନତା ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଓ ପ୍ଲାକାର୍ଡ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ । ରାଷ୍ଟ୍ରପତି ମଧ୍ୟ ହାତ ହଲାଇ ସେମାନଙ୍କ ଅଭିବାଦନ ଗ୍ରହଣ କରିଥିଲେ । ବ୍ରହ୍ମପୁର ରେଲଷ୍ଟେସନରେ ସ୍ୱଳ୍ପ ସମୟ ଅବସ୍ଥାନ ପରେ ସେ ତପ୍ତପାଣି ଅଭିମୁଖେ ଯାତ୍ରା କରିଥିଲେ । ତାଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ତପ୍ତପାଣି ଅଭିମୁଖେ ଯାତ୍ରା କରିଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ବିପୁଳ ସଂଖ୍ୟାରେ ଆବାଳବୃଦ୍ଧବନିତା ଓ ଛାତ୍ରଛାତ୍ରୀମାନେ ତାଙ୍କୁ ଅଭିବାଦନ ଜଣାଇଥିଲେ । ବ୍ରହ୍ମପୁର ସହରର ମିନାକ୍ଷୀ ନଗରଠାରେ ରାଷ୍ଟ୍ରପତି କୁନିକୁନି ଛୁଆ ତାଙ୍କୁ ଦେଖିବାର ଉତ୍ସାହ ହୃଦୟଙ୍ଗମ କରି ଗାଡିରୁ ଓହ୍ଲାଇ ପିଲାମାନଙ୍କୁ ଚକଲେଟ ବାଣ୍ଟିଥିଲେ । ବ୍ରହ୍ମପୁର ରେଲଷ୍ଟେସନରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ସମେତ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com


## ଅଳ୍ପକେ ରକ୍ଷା ପାଇଲା ଥାଇଲାଣ୍ଡରୁ ଆସୁଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍

ନୂଆଦିଲ୍ଲୀ,୪/୮: ବିମାନଯାତ୍ରାକୁ ସାଧାରଣତଃ ସୁରକ୍ଷିତ ବୋଲି ମନେକରାଯାଏ । କିନ୍ତୁ କେବେ କେବେ ଖରାପ ପାଗ ଓ ବାୟୁମଣ୍ଡଳର ପରିସ୍ଥିତି ଏଭଳି ସ୍ଥିତି ସୃଷ୍ଟି କରେ ଯେ, ଯାତ୍ରୀଙ୍କ ପାଇଁ ଭୟଙ୍କର ଅନୁଭବ ପାଲଟିଯାଏ । ମଙ୍ଗଳବାର ଥାଇଲ୍ୟାଣ୍ଡର ଫୁକେଟରୁ ନୂଆଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ (ଇଓ୨୩୭୯) ଆକାଶ ମାର୍ଗରେ ଟର୍ବୁଲାନ୍ସର ସମ୍ମୁଖୀନ ହୋଇଥିଲା । ଟର୍ବୁଲାନ୍ସ ଯୋଗୁଁ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ୍ ତଳକୁ ଖସି ଆସିଥିଲା । ଏହି କାରଣରୁ ବିମାନରେ ଥିବା ପ୍ରାୟ ୧୨ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସାମାନ୍ୟ ଆହତ ହୋଇଛନ୍ତି । ଏହାପରେ ବିମାନଟି ଦିଲ୍ଲୀ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଛି

# ଭବିଷ୍ୟତ ଯୁଦ୍ଧ ପାଇଁ ପ୍ରସ୍ତୁତି, ଡ୍ରୋନ୍ ଓ ଏଆଇ ବିକାଶ ଦିଗରେ ଜାପାନ



ନୂଆଦିଲ୍ଲୀ,୪/୮: ପରିବର୍ତ୍ତିତ ଯୁଦ୍ଧ ଶୈଳୀକୁ ଦୃଷ୍ଟିରେ ରଖି ଜାପାନ ନିଜର ରଣନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି । ଏନେଇ ଏକ ପ୍ରତିରକ୍ଷା ଶ୍ୱେତପତ୍ର ଜାରି କରାଯାଇଛି । ଏଥିରେ କୁହାଯାଇଛି ଯେ ଦେଶକୁ ଅସ୍ତ୍ରଶସ୍ତ୍ର ଉତ୍ପାଦନ ବୃଦ୍ଧି କରିବା ସହିତ ଡ୍ରୋନ୍ ଏବଂ ଏଆଇ ଯୁଦ୍ଧ ପଦ୍ଧତି ସହିତ ଖାପ ଖୁଆଇବାକୁ ପଡିବ । ଏହା ସହ ପ୍ରତିରକ୍ଷା ଶିଳ୍ପକୁ ମଜବୁତ କରିବାକୁ ପଡିବ । ଚୀନ୍, ରୁଷ ଏବଂ ଉତ୍ତର କୋରିଆ ଆଞ୍ଚଳିକ ଉତ୍ତେଜନା ବୃଦ୍ଧି କରୁଥିବାରୁ ଏହି ପରିବର୍ତ୍ତନ ଦ୍ରୁତ ସାମରିକ ଆଧୁନିକୀକରଣ ଅଭିଯାନକୁ ସଙ୍କେତ ଦେଉଛି ବୋଲି ଜାପାନର ପ୍ରତିରକ୍ଷା ମନ୍ତ୍ରୀ ସିଞ୍ଜିରୋ କୋଇଜୁମି କହିଛନ୍ତି । କ୍ୟାବିନେଟ ଦ୍ୱାରା ଗୃହୀତ ୫୯୮ ପୃଷ୍ଠାର ପ୍ରତିରକ୍ଷା ଶ୍ୱେତପତ୍ରରେ କୁହାଯାଇଛି ଯେ, ଦେଶକୁ ୟୁକ୍ରେନ ଏବଂ ମଧ୍ୟପ୍ରାଚ୍ୟରେ ସଂଘର୍ଷରୁ ଶିକ୍ଷା ଗ୍ରହଣ କରିବାକୁ ପଡିବ । ଏହା ସହିତ ରୁଷ ଏବଂ ଉତର କୋରିଆ ସହିତ ଚୀନ୍‌ର ରଣନୈତିକ ଚ୍ୟାଲେଞ୍ଜର ମୁକାବିଲା କରିବାକୁ ମଧ୍ୟ ହେବ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରଠାରୁ ଶାନ୍ତିବାଦୀ ପ୍ରତିଜ୍ଞା ବଜାୟ ରଖିଥିବା ଜାପାନରେ, ଅନେକ ପ୍ରତିଷ୍ଠିତ କମ୍ପାନି ଘାତକ ଅସ୍ତ୍ର ବିକଶିତ କରୁନାହାନ୍ତି । ଦେଶ ଅନ୍ତର୍ଜାତୀୟ ସ୍ଥିତିକୁ ଦୃଷ୍ଟିରେ ରଖି ଏବେ ନିଜର ପ୍ରତିରକ୍ଷା ଯୋଜନାରେ କେତେକ ପରିବର୍ନ୍ତନ ଉପରେ ଗୁରୁତ୍ୱାରୋପ କରୁଛି ବୋଲି ଶ୍ୱେତପତ୍ରରେ କୁହାଯାଇଛି । ଜାପାନ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସାମରିକ ଖର୍ଚ୍ଚ ଏବଂ କ୍ଷମତା ବୃଦ୍ଧି କରି ଚୀନ୍ ?ର ସାମରିକ କାର୍ଯ୍ୟକଳାପକୁ ପ୍ରତିରୋଧ କରିବା ପାଇଁ ଦୂରଗାମୀ କ୍ରୁଜ୍ କ୍ଷେପଣାସ୍ତ୍ର ମୁତୟନ କରିବା ଆରମ୍ଭ କରିଛି । ଶ୍ୱେତପତ୍ରରେ କୁହାଯାଇଛି, ଚୀନ୍ ଯୁଦ୍ଧଜାହାଜର ବର୍ଦ୍ଧିତ ଉପସ୍ଥିତି ଏବଂ ପ୍ରଶାନ୍ତ ମହାସାଗରରେ କାର୍ଯ୍ୟକଳାପର ବୃଦ୍ଧି ଯୋଗୁଁ ଜାପାନ ଚିନ୍ତିତ । ୟୁକ୍ରେନରେ ଡ୍ରୋନ୍ ବ୍ୟବହାରକୁ ଉଦ୍ଧୃତ କରି,ପ୍ରତିରକ୍ଷା ଶ୍ୱେତପତ୍ରରେ କୁହାଯାଇଛି, ଜାପାନ ପାଇଁ ନୂତନ ଯୁଦ୍ଧ ଶୈଳୀ ସହିତ ଖାପ ଖୁଆଇବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଅନେକ ଦେଶ ଯୁଦ୍ଧ ଡ୍ରୋନ୍ ବିକାଶ କରୁଥିବାରୁ ସରକାର ଦୂରଗାମୀ କ୍ଷେପଣାସ୍ତ୍ର ସହିତ ଉପକୂଳ ପ୍ରତିରକ୍ଷା ପାଇଁ ଘରୋଇ ବିକାଶକୁ ପ୍ରାଥମିକତା ଦେଉଛନ୍ତି । ଶ୍ୱେତପତ୍ରରେ କୁହାଯାଇଛି, କମ୍ ଜନସଂଖ୍ୟା ଥିବା ଆମ ଦେଶରେ ସେନା ସଦସ୍ୟଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଜାପାନକୁ ଚାଳକ ବିହିନ ଅସ୍ତ୍ରଶସ୍ତ୍ର ଏ କ୍ଷେତ୍ରରେ ସାହାଯ୍ୟ କରିପାରିବ । ଜାପାନ ସାମ୍ପ୍ରତିକ ବର୍ଷଗୁଡ଼ିକରେ ତାଇୱାନରେ ଏକ ସଂଘର୍ଷକୁ ନେଇ ଚିନ୍ତିତ ଥିବାରୁ ଦକ୍ଷିଣ-ପଶ୍ଚିମ ଦ୍ୱୀପପୁଞ୍ଜରେ ସାମରିକ ବାହିନୀକୁ ମଧ୍ୟ ଶକ୍ତିଶାଳୀ କରୁଛି, ଯାହାକୁ ଚୀନ୍ ନିଜର ଅଞ୍ଚଳ ବୋଲି ଦାବି କରିଆସୁଛି । ପ୍ରତିରକ୍ଷା ଶ୍ୱେତପତ୍ରରେ କୁହାଯାଇଛି ଯେ ପ୍ରଶାନ୍ତ ମହାସାଗରରେ ଚୀନ୍ ଯୁଦ୍ଧଜାହାଜର ବୃଦ୍ଧି ପାଉଥିବା ଉପସ୍ଥିତି ଏକ ପ୍ରମୁଖ ଚିନ୍ତାର ବିଷୟ, ଏବଂ ଉଲ୍ଲେଖ କରାଯାଇଛି ଯେ, ପ୍ରତିରକ୍ଷା ମନ୍ତ୍ରଣାଳୟ ଜାପାନର ପ୍ରଶାନ୍ତ ମହାସାଗରୀୟ ରଣନୀତି ଅଧ୍ୟୟନ କରିବା ଏବଂ ଚୀନ୍ ବିରୋଧରେ ନିଜର ପ୍ରତିରକ୍ଷାକୁ ସୁଦୃଢ଼ କରିବା ପାଇଁ ଏକ ୟୁନିଟ୍ ଗଠନ କରିଛି ।।

# ଗ୍ରେଟର ନୋଏଡାରେ ଭୟଙ୍କର ଅଗ୍ନିକାଣ୍ଡ

## ୨ ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୪/୮: ଗ୍ରେଟର ନୋଏଡାରେ ଭୟଙ୍କର ଅଗ୍ନିକାଣ୍ଡ । ଇଲେକ୍ଟ୍ରୋନିକ୍ ଚିପ୍ ନିର୍ମାଣ କରୁଥିବା ଏକ କାରଖାନାରେ ମଧ୍ୟରାତ୍ରିରେ ଲାଗିଥିବା ନିଆଁ ଲିଭାଇବାକୁ ଯାଇ ଜୀବନ ହାରିଛନ୍ତି ଦୁଇଜଣ ସାହସୀ ଅଗ୍ନିଶମ କର୍ମଚାରୀ । ଅଗ୍ନିକାଣ୍ଡ ସମୟରେ ହଠାତ୍ କାରଖାନାର ଏକ କାନ୍ଥ ଓ ଲୁହା ବିମ୍ ଭୁଶୁଡ଼ି ପଡ଼ିବାରୁ ୫ ଜଣ ଅଗ୍ନିଶମ କର୍ମଚାରୀ ମାଲବା ତଳେ ଚାପି ହୋଇଯାଇଥିଲେ । ତୁରନ୍ତ ଉଦ୍ଧାର କାର୍ଯ୍ୟ ଚାଲିଥିଲେ ମଧ୍ୟ ଦୁଇଜଣଙ୍କ ଜୀବନ ବଚାଂଇବା ସମ୍ଭବ ହୋଇନଥିଲା । ଅନ୍ୟ ୩ ଜଣ ଗୁରୁତର ଆହତ ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଅଗ୍ନିକୁ ଆୟତ କରିବା ପାଇଁ ନିଜ ଜୀବନକୁ ବାଜି ଲଗାଇଥିବା ଏହି ଅଗ୍ନିବୀରମାନଙ୍କ ବଳିଦାନ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି । ଘଟଣାକୁ ନେଇ ପ୍ରଶାସନ ତଦନ୍ତ ଆରମ୍ଭ କରିଥିବା ବେଳେ କାରଖାନାର ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି ।

# ବନ୍ୟା ପରେ ପୁନରୁଦ୍ଧାରକୁ ଗୁରୁତ୍ୱ

## ସଚିବମାନଙ୍କୁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର,୪/୮(ନି/ପ୍ର): ବନ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ପାଇଁ ସରକାରଙ୍କ ଫୋକସ୍ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିବା ସଚିବ ସ୍ତରୀୟ ବୈଠକରେ ବନ୍ୟା ପରବର୍ନ୍ତୀ ପୁନରୁଦ୍ଧାର କାର୍ଯ୍ୟ, ସ୍ୱାସ୍ଥ୍ୟସେବା, ପିଇବା ପାଣି ବ୍ୟବସ୍ଥା ସହ ବିଭିନ୍ନ ବିକାଶମୂଳକ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଛି । ରାଜ୍ୟର ବନ୍ୟା ପରିସ୍ଥିତି ଓ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକୁନେଇ ଲୋକସେବା ଭବନରେ ବସିଥିଲା ସଚିବ ସ୍ତରୀୟ ସମୀକ୍ଷା ବୈଠକ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତ ବିଭାଗର ସଚିବମାନଙ୍କୁ ପରିସ୍ଥିତିର ମୁକାବିଲା ପାଇଁ ସମନ୍ୱୟ ରକ୍ଷା କରି ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ଜଳ ହ୍ରାସ ପାଇବା ପରେ କ୍ଷତିଗ୍ରସ୍ତ ରାସ୍ତା, ପୋଲ, ସରକାରୀ ଭିତ୍ତିଭୂମି ଓ ଅନ୍ୟାନ୍ୟ ଜରୁରୀ ସେବାର ମରାମତି ଏବଂ ପୁନରୁଦ୍ଧାର କାମକୁ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ବିଶେଷ ଭାବେ ସ୍ୱାସ୍ଥ୍ୟସେବା ଓ ବିଶୁଦ୍ଧ ପିଇବା ପାଣି ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତରୀ ଟିମ୍ ମୁତୟନ କରିବା ସହ ସଂକ୍ରାମକ ରୋଗ ପ୍ରତିରୋଧ ପାଇଁ



ସତର୍କ ରହିବାକୁ ସମ୍ପୃକ୍ତ ବିଭାଗକୁ କୁହାଯାଇଛି । ଏହାବ୍ୟତୀତ ବିଭିନ୍ନ ବିଭାଗର ବଜେଟ୍ ବ୍ୟୟ, ନିଯୁକ୍ତି ପ୍ରକ୍ରିୟା ଏବଂ ଚାଲୁଥିବା ବିକାଶମୂଳକ କାର୍ଯ୍ୟକ୍ରମର ମଧ୍ୟ ସମୀକ୍ଷା କରାଯାଇଛି ।

# କଟକରେ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କଲେ ରାଷ୍ଟ୍ରପତି



କଟକ,୪/୮(ପିଆଇବି): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ଓଡ଼ିଶା ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ସେବାର ସମୃଦ୍ଧ ପରମ୍ପରା ଥିବା ଏକ ମାଟି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ପବିତ୍ର ମାଟି ଶହ ଶହ ବର୍ଷ ଧରି ସମାବେଶୀ ଭାବନା, କରୁଣା ଏବଂ ମାନବ କଲ୍ୟାଣର ବାର୍ତ୍ତା ପ୍ରଚାର କରିଆସିଛି । କଟକର ଏହି ଅଞ୍ଚଳ ଉତ୍କଳ ଗୌରବ ମଧୁସୂଦନ ଦାସ, କର୍ମବୀର ଗୌରୀଶଙ୍କର ରାୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିଜୁ ପଟ୍ଟନାୟକଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଭୂମି ମଧ୍ୟ । ଏହା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମଭୂମି । ଜନସେବା, ସାହିତ୍ୟ ଓ ସଂସ୍କୃତିରେ କଟକର ଅବଦାନ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ । ଏପରି ଏକ ଗୌରବଶାଳୀ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବା ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଆଧୁନିକ ଶିକ୍ଷା ସହିତ ସଂଯୋଜିତ କରିବା ସହିତ ସମାଜ ଓ ରାଷ୍ଟ୍ରସେବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ହେବ ବୋଲି ଆଶା କରାଯାଉଛି । ରାଷ୍ଟ୍ରପତି କହିଛନ୍ତି, ଭାରତରେ ଏକ ବୃହତ ଯୁବଶକ୍ତି ରହିଛନ୍ତି । ଏହା ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି । ଏହି ସମ୍ପତ୍ତିର ସଠିକ୍ ବ୍ୟବହାର ପାଇଁ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ ଯୁବପିଢ଼ି ସେମାନଙ୍କର ପ୍ରତିଭାକୁ ସମ୍ପୂର୍ଣ୍ଣ ଭାବରେ ବିକଶିତ କରିପାରିବେ ।

# 'ଭାରତ ଆମର ସବୁଠାରୁ ବଡ଼ ବନ୍ଧୁ', ମୋଦୀଙ୍କୁ ପ୍ରଶଂସା କଲେ ନେତନ୍ୟାହୁ



ନୂଆଦିଲ୍ଲୀ,୪/୮: ଇରାନ ସହ ଜାରି ଥିବା ତିକ୍ତତା ଓ ବିଶ୍ୱ ରାଜନୀତିର ପରିବର୍ତ୍ତିତ ପରିସ୍ଥିତି ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଭାରତ-ଇସ୍ରାଏଲ ସମ୍ପର୍କକୁ ନେଇ ବଡ଼ ବୟାନ ଦେଇଛନ୍ତି । ସୋମବାର ସେ କହିଛନ୍ତି ଯେ ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଇସ୍ରାଏଲ ସକ୍ରିୟ ଭାବେ କାମ କରୁଛି । ନେତନ୍ୟାହୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଇସ୍ରାଏଲର ସବୁଠାରୁ ଘନିଷ୍ଠ ବନ୍ଧୁମାନଙ୍କ ମଧ୍ୟରୁ ଜଣେ ବୋଲି ବର୍ଣ୍ଣନା କରିଛନ୍ତି । କଠିନ ସମୟରେ ଭାରତ ପକ୍ଷରୁ ମିଳିଥିବା ସମର୍ଥନ ଓ ସହଯୋଗକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି । ନେତନ୍ୟାହୁ କହିଛନ୍ତି, 'ଆମକୁ ଆହୁରି ମଜବୁତ ବନ୍ଧୁତ୍ୱ ଓ ସହଯୋଗୀ ଦେଶର ଆବଶ୍ୟକତା ରହିଛି । ସେଥିପାଇଁ ଭାରତ ଏବଂ ମୋର ବନ୍ଧୁ ନରେନ୍ଦ୍ର ମୋଦିଙ୍କ ସହ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ମୁଁ ବିଶେଷ ଗୁରୁତ୍ୱ ଦେଉଛି । ଭାରତରେ ଇସ୍ରାଏଲ ଓ ମୋତେ ବ୍ୟକ୍ତିଗତ ଭାବେ ଯେପରି ସମର୍ଥନ ମିଳୁଛି, ତାହା ସତ୍ୟରେ ଅବିଶ୍ୱସନୀୟ । ୨୦୧୮ରେ ବେଞ୍ଜାମିନ ନେତନ୍ୟାହୁ ଭାରତ ଗସ୍ତରେ ଆସିଥିବାବେଳେ ଉଭୟ ଦେଶ ମଧ୍ୟରେ ୯ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଥିଲା । ସେହି ସମୟରେ ଭାରତ-ଇସ୍ରାଏଲ ସମ୍ପର୍କକୁ 'ବିଶେଷ ଭାଗୀଦାରି'ର ମାନ୍ୟତା ଦିଆଯାଇଥିଲା, ଯାହା ବାଣିଜ୍ୟ, ପ୍ରଯୁକ୍ତି ଓ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗକୁ ନୂଆ ଦିଗ ଦେଇଥିଲା । ଚଳିତ ବର୍ଷ ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ଉଭୟ ଦେଶ 'ଶାନ୍ତି, ନବସୃଜନ ଓ ସମୃଦ୍ଧି ପାଇଁ ଭାରତ-ଇସ୍ରାଏଲ ବିଶେଷ ରଣନୀତିକ ଭାଗୀଦାରି'କୁ ଆହୁରି ସୁଦୃଢ଼ କରିବା ଦିଗରେ ସହମତି ପ୍ରକାଶ କରିଥିଲେ ।

# ନୂତନ ଶୁଳ୍କ ନୀତିକୁ ବିରୋଧ କରି କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆମେରିକାର ୨୫ ରାଜ୍ୟ



ୱାସିଂଟନ,୪/୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶରେ ବିରୋଧର ସମ୍ମୁଖୀନ ହେବାରେ ଲାଗିଛନ୍ତି । ଆମଦାନି ଶୁଳ୍କ ବୃଦ୍ଧି ନେଇ ତାଙ୍କ ବିରୋଧରେ ଏକ ନୂଆ ମାମଲା କୋର୍ଟରେ ପହଞ୍ଚିଛି । ୨୫ ଡେମୋକ୍ରାଟିକ୍ ନେତୃତ୍ୱାଧୀନ ଆମେରିକା ରାଜ୍ୟ ଭାରତ ସମେତ ୬୦ ଦେଶ ଉପରେ ଲାଗୁ ହୋଇଥିବା ଆମଦାନି ଶୁଳ୍କକୁ ବିରୋଧ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଦାୟର ହୋଇଥିବା ମାମଲାରେ ରାଜ୍ୟଗୁଡ଼ିକ ଯୁକ୍ତି ଦେଇଛନ୍ତି ଯେ, ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ ହୋଇଥିବା ନୂତନ ଟାରିଫ୍ ଆଇନଗତ ଅଧିକାର କ୍ଷେତ୍ର ଅନୁସାରେ କରାଯାଇ ନାହିଁ । ଏକ ଭିନ୍ନ ଆଇନଗତ ଆଧାର ବ୍ୟବହାର କରି ପ୍ରଶାସନ ବ୍ୟାପକ ଆମଦାନି କର ଲାଗୁ କରୁଛନ୍ତି ଯାହାକୁ କୋର୍ଟ ପୂର୍ବରୁ ବେଆଇନ ଘୋଷଣା କରିସାରିଛନ୍ତି । ଜାଣିଶୁଣି ବିଭିନ୍ନ ଦେଶ ଏବଂ ଶିଳ୍ପ ସଂସ୍ଥାକୁ ଟାର୍ଗେଟ କରାଯାଉଛି । ଏହା ଆମେରିକାର ଆମଦାନିକୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ନ୍ୟୁୟର୍କର ଆମେରିକା କୋର୍ଟ ଅଫ୍ ଇଣ୍ଟରନ୍ୟାସନାଲ ଟ୍ରେଡ୍‌ରେ ଦାୟର କରାଯାଇଥିବା ଏହି ମାମଲା ୧୦ ରୁ ୧୨.୫ ପ୍ରତିଶତ ଟାରିଫ୍ ଲକ୍ଷ୍ୟ ରଖିଛି । ଏହି ଟାରିଫ୍ ଗତ ମାସରେ ୧୯୭୪ ମସିହାର ବାଣିଜ୍ୟ ଆଇନର ଧାରା ୩୦୧ ଅନ୍ତର୍ଗତ କାର୍ଯ୍ୟକାରୀ କରାଯାଇଥିଲା । ଟ୍ରମ୍ପ ପ୍ରଶାସନ ଯୁକ୍ତି ରଖିଛି ଯେ, ଏହି ଟାରିଫ୍ ସେହି ଦେଶମାନଙ୍କ ବିରୋଧରେ ଲାଗୁ କରାଯାଇଛି ଯେଉଁମାନେ ବାଧ୍ୟତାମୂଳକ ଶ୍ରମରେ ତିଆରି ସାମଗ୍ରୀର ରପ୍ତାନି ବନ୍ଦ କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି । ଏହି ବିବାଦୀୟ ଶୁଳ୍କ ଜୁଲାଇ ୨୪ ତାରିଖରେ ଘୋଷଣା କରାଯାଇଥିଲା । ଯୁକ୍ତରାଷ୍ଟ୍ର ଏକ ଶତାବ୍ଦୀ ଧରି ବାଧ୍ୟତାମୂଳକ ଶ୍ରମରେ ନିର୍ମିତ ସାମଗ୍ରୀର ଆମଦାନିକୁ ନିଷିଦ୍ଧ କରିଆସୁଛି ଏବଂ ଏହାକୁ କଡ଼ାକଡ଼ି ଭାବରେ ଲାଗୁ କରୁଛି । ଚଳିତ ବର୍ଷ ଆରମ୍ଭରେ, ଆମେରିକାର ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ ଆନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନ ରାଷ୍ଟ୍ରପତିଙ୍କୁ ବଡ଼ ଧରଣର ବିଶ୍ୱ ଶୁଳ୍କ ଲାଗୁ କରିବାର ଅଧିକାର ଦିଏ ନାହିଁ କହି କୋର୍ଟ ଟ୍ରମ୍ପଙ୍କ ବାଣିଜ୍ୟ ପଦକ୍ଷେପକୁ ଖାରଜ କରିଥିଲେ । ସୁପ୍ରିମକୋର୍ଟଙ୍କ ପ୍ରତିବନ୍ଧକର ସମ୍ମୁଖୀନ ହେବା ପରେ, ଟ୍ରମ୍ପ ୧୯୭୪ ମସିହାର ବାଣିଜ୍ୟ ଆଇନର ଧାରା ୧୨୨ ଅନୁଯାୟୀ ଶୁଳ୍କ ଲାଗୁ କରିଥିଲେ । ଆମେରିକାର ଅନ୍ତର୍ଜାତୀୟ ବାଣିଜ୍ୟ ଅଦାଲତ ମଧ୍ୟ ସେହି ଶୁଳ୍କଗୁଡ଼ିକୁ ବେଆଇନ ଘୋଷଣା କରିଥିଲେ । ଆଇନଗତ ଚ୍ୟାଲେଞ୍ଜ ପରେ, ପ୍ରଶାସନ ଏବେ ୧୯୭୪ ମସିହାର ବାଣିଜ୍ୟ ଆଇନର ଧାରା ୩୦୧ ଆଡ଼କୁ ମୁହାଁଇଛି, ଯାହା ପାରମ୍ପାରିକ ଭାବରେ ବିଦେଶୀ ସରକାରଙ୍କ ଦ୍ୱାରା ଅନୁଚିତ କିମ୍ବା ପକ୍ଷପାତପୂର୍ଣ୍ଣ ବାଣିଜ୍ୟ ଅଭ୍ୟାସର ଜବାବ ଦେବା ପାଇଁ ବ୍ୟବହୃତ ଏକ ଆଇନ ।

# କୁରକୁରେ ଖାଇ ଛାତ୍ର ଅସୁସ୍ଥ: ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି




ସୋର,୪/୮(ନି/ପ୍ର): ବାଲେଶ୍ୱରଜିଲ୍ଲା ସୋର ଅଞ୍ଚଳର ଏକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ସୋର ପବ୍ଲିକ ସ୍କୁଲରେ ପଢୁଥିବା ସବିରା ଗ୍ରାମର ଛାତ୍ର ନିଖିଲ୍ ତରେଇ କୁରକୁରେ ଖାଇବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି । ପରିବାର ଲୋକଙ୍କ କହିବା ଅନୁଯାୟୀ,ଆଜି ସକାଳେ ନିଖିଲ ଘରୁ ଆସିବା ସମୟରେ ରାସ୍ତାରେ କୁରକୁରେ ଖାଇଥିଲା । ସ୍କୁଲରେ ପ୍ରାର୍ଥନା ହେଉଥିବା ବେଳେ ସେ ହଠାତ ଅସୁସ୍ଥ ହୋଇପଡିବାରୁ ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରେ ତାଙ୍କର ଚିକିତ୍ସା କରାଯିବା ପରେ ଏବେ ସୁସ୍ଥ ଥିବା ଜଣାପଡିଛି ।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ବୁଧବାର ୫ ଅଗଷ୍ଟ ୨୦୨୬

## ବର୍ଷା ଋତୁ, ଲିଭର ଓ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ

ଚଳିତ ମୌସୁମୀ ବର୍ଷାର ଅସ୍ୱାସ୍ଥ୍ୟକର ଚିତ୍ର ମୁମ୍ବାଇ ଓ ଭାରତର କିଛି ମହାନଗରୀରରେ ଏକ ଜଟିଳ ସ୍ୱାସ୍ଥ୍ୟ ସଂକ୍ରମଣକୁ ସୃଷ୍ଟି କରିଛି । ଗଣମାଧ୍ୟମର ଖବର ଅନୁଯାୟୀ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି ସଂକ୍ରମଣରେ ଲେପ୍ଟୋସ୍ପାଇରୋସିସର ପ୍ରଭାବୀ ଭୂମିକା ସମ୍ପର୍କରେ ତଥ୍ୟ ରଖିଛନ୍ତି । ସାଧାରଣତଃ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ହେଉଛି ଏକ ବ୍ୟାକ୍ଟରିଆ ଜନିତ ରୋଗ ଯାହାକି ପ୍ରାୟତଃ ବର୍ଷା ଦିନରେ ହିଁ ଏହାର ଭୟଙ୍କର ରୂପ ଦେଖାଇଥାଏ । ଯେତେବେଳେ ଜଣେ ମୂଷାର ପରିସ୍ରା ଦ୍ୱାରା ଦୂଷିତ ପାଣି କିମ୍ବା ମାଟି ସଂସ୍ପର୍ଶରେ ଆସିଥାଏ ସେତେବେଳେ ଏହି ରୋଗକୁ ସାମ୍ନା କରିଥାଏ । ପୃଥିବୀ ବିଖ୍ୟାତ ଗବେଷଣାଭିତ୍ତିକ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍' ଏହାର ଚଳିତ ଜୁଲାଇ ସଂଖ୍ୟାରେ ଏହି ରୋଗ ସମ୍ପର୍କରେ ବିଶେଷ ଭାବରେ ଉଲ୍ଲେଖ କରିଛି । ବିଶ୍ୱର ସବୁଠାରୁ ଘାତକ ଓ ସଂକ୍ରମଣ ଜୁନୋଟିକ୍ ରୋଗ ଭିତରୁ ଏହା ଅନ୍ୟତମ । ଏହି ରୋଗର ଭୟାବହତା ବିଶେଷକରି ପ୍ରବଳ ବର୍ଷା ଓ ବନ୍ୟା ସମୟରେ ଜନସ୍ୱାସ୍ଥ୍ୟ କ୍ଷେତ୍ରର ବଡ଼ ସମସ୍ୟା ଭାବରେ ସାମ୍ନାକୁ ଆସିଥାଏ । ଉଦବେଗଜନକ ତଥ୍ୟ ହେଉଛି ପ୍ରାରମ୍ଭିକ ସମୟରେ ଅନେକ ଏହାକୁ ଚିହ୍ନଟ କରିପାରିନଥାନ୍ତି । ଯାହାକି ପରବର୍ତୀ ସମୟରେ ଏକ ସାଂଘାତିକ ରୂପ ଦେଖାଇଥାଏ । ଲେପ୍ଟୋସ୍ପାଇରା ପ୍ରଜାତିର ବ୍ୟାକ୍ଟେରିଆ ଲେପ୍ଟୋସ୍ପାଇରୋସିସ୍ ଏଥିପାଇଁ ଦାୟୀ । ସେହିପରି ଆମେରିକାର ସେଟଂର ଫର ଡିଜଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ ଅନୁଯାୟୀ ଦୂଷିତ କାଦୁଅ କିମ୍ବା ଜଳ ସଂସ୍ପର୍ଶରେ ଆସିଲେ ଏହି ବ୍ୟାକ୍ଟେରିଆ ଚର୍ମ, ପାଟି, ଆଖି ଓ ନାକ ଦେଇ ଜଣଙ୍କ ଶରୀରକୁ ପ୍ରବେଶ କରି ସଂକ୍ରମିତ କରିଥାଏ । କେବଳ ମୂଷା ମାନଙ୍କ ସହିତ ନୁହେଁ ଏହି ଘାତକ ଜୀବାଣୁମାନେ କୁକୁର, ଗୋରୁଗାଈ, ଘୁଷୁରୀ ଓ ଚଢ଼େଇ ମାନଙ୍କ ଦ୍ୱାରା ବ୍ୟାପିଥାଏ । ପ୍ରବଳ ବର୍ଷା ହେଉଥିବା ସମୟରେ ଯେଉଁମାନେ ସୁରକ୍ଷିତ ଜୋତା ନପିନ୍ଧି ବନ୍ୟା ପାଣିରେ ଚାଲନ୍ତି ଏପରିକି ସଫେଇ କର୍ମଚାରୀ, ଉଦ୍ଧାରକାରୀ ଦଳ ଓ ଚାଷୀମାନେ ସହଜରେ ଏଭଳି ସଂକ୍ରମଣର ଶିକାର ହୋଇଥାନ୍ତି । ତେବେ ଏହାର ଉଦବେଗଜନକ ଚିତ୍ରଟି ହେଉଛି ଆମେ ଆଲୋଚନା କରୁଥିବା ଲୋପ୍ଟୋସ୍ପାଇରୋସିସର ପ୍ରାରମ୍ଭିକ ଲକ୍ଷଣ ଗୁଡ଼ିକ ପ୍ରାୟତଃ ଇନଫ୍ଲୁଏଞ୍ଜା କିମ୍ବା ଅନ୍ୟ ସାଧାରଣ ଋତୁକାଳୀନ ରୋଗ ଭଳି ଜଣକୁ ଲାଗିଥାଏ । ସାଧାରଣତଃ କେହି ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ହେଉଛି ଜଣଙ୍କ ଦେହରେ ଜ୍ୱର ସହିତ ମୁଣ୍ଡବିନ୍ଧା ହୋଇଥାଏ, ମାଂସପେଷୀରେ ଲଗାତର ଯନ୍ତ୍ରଣା ଦେଖାଯାଏ, ଅତ୍ୟଧିକ କ୍ଲାନ୍ତି ଓ ସମଗ୍ର ଦେହ ଘୋଳା ବିନ୍ଧା ଅନୁଭବ ହୁଏ, ଜଣକୁ ଅସ୍ୱାଭାବିକ ଭାବରେ ଶୀତ ଲାଗିଥାଏ ଏବଂ ବେଳେ ବେଳେ କମ୍ପ ଆସିବା ପରି ଅନୁଭବ ହୁଏ, ଖାଦ୍ୟ ଅରୁଚିକର ଲାଗେ, ବାନ୍ତି ଲଗାତର ଭାବେ ଦେଖାଯାଏ ଏବଂ ଝାଡ଼ା ପରିସ୍ରାରେ ସମସ୍ୟା ଦେଖାଯାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଏହି ଲେପ୍ଟୋସ୍ପାଇରୋସିସର ସଂକ୍ରମଣର ବର୍ଷା ଋତୁରେ ଜଟିଳତା ହେଉଛି ଏହା ଖାଦ୍ୟ ପରିପାକ ସମସ୍ୟା ଓ ଲିଭରକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ । ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର, କିଡ଼ନୀ, ଫୁସଫୁସ୍ ଓ ମସ୍ତିଷ୍କକୁ ଏହା ପ୍ରଭାବିତ କରିଥାଏ । ଲିଭର ଏହାର ସହଜ ଶିକାର ହୋଇ ଅନବରତ ଭାବେ ପେଟ ଟାଣିବା ପରି ଅନୁଭବ ହୁଏ ଏବଂ ଝାଡ଼ା ଲାଗିଥାଏ କିନ୍ତୁ ଶୌଚାଳୟକୁ ଯିବା ପରେ ଝାଡ଼ା ହୋଇନଥାଏ । ପେଟ ଫାମ୍ପିଲା ପରି ଅନୁଭବ ହୁଏ ଓ କେତେକ କ୍ଷେତ୍ରରେ ଭୋକ ଲାଗିଥାଏ କିନ୍ତୁ ଜଣେ ଖାଦ୍ୟ ଖାଇବା ଆରମ୍ଭ କରିବା ମାତ୍ରେ ତାଙ୍କୁ ବିରକ୍ତିକର ଲାଗେ ଓ ଖାଦ୍ୟ ଅରୁଚିକର ହୋଇଥାଏ । କେତେକ କ୍ଷେତ୍ରରେ ଏହା ପେଟକୁ ଏପରି ସଂକ୍ରମିତ କରିଥାଏ ଯେ ଜଣେ ଖାଦ୍ୟ ନଖାଇବା ଦ୍ୱାରା ତାଙ୍କ ଶରୀରରେ ଜଳୀୟ ଶୁଷ୍କତା ଦେଖାଯାଏ । ଏହାର ଗୁରୁତ୍ୱପୂର୍ଣ୍ଣ ପାର୍ଶ୍ୱପ୍ରତିକ୍ରିୟା ସ୍ୱରୂପ ଅନେକ କ୍ଷେତ୍ରରେ ଅଭ୍ୟନ୍ତରୀଣ ରକ୍ତସ୍ରାବ, କିଡ଼ନୀ ଫେଲ ଓ ମେନିଞ୍ଜାଇଟିସ୍ ଭଳି ସ୍ଥିତି ଦେଖାଇଥାଏ । ତେଣୁ ଏହିପରି ସମସ୍ୟା ସାମ୍ନା କଲାବେଳେ ଜଣେ ଯଦି ଦୂଷିତ ଜଳ, ମାଟି ଓ ପରିବେଶ ସଂସ୍ପର୍ଶରେ ଆସିଥାଏ ତୁରନ୍ତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ । ଘାତକ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ବର୍ଷା ଋତୁରେ ଏହାର ଭୟାନକ ରୂପ ଦେଖାଇଥାଏ । ଯେକୌଣସି ବ୍ୟକ୍ତିଙ୍କୁ ଏହା ହୋଇପାରେ କିନ୍ତୁ ଯେଉଁମାନେ ବାରମ୍ବାର ବନ୍ୟାଜଳ ଓ ଦୂଷିତ ପାଣିରେ ସଂସ୍ପର୍ଶରେ ଆସିଥାନ୍ତି ସେମାନଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହୋଇଥାଏ । ଏହା ବ୍ୟତୀତ ଯେଉଁମାନଙ୍କ ଚର୍ମରେ କଟା ଚିହ୍ନ କିମ୍ବା ଦୁର୍ବଳ ପ୍ରତିରୋଧକ ଶକ୍ତି ଥାଏ ସେମାନେ ମଧ୍ୟ ଏହାର ସହଜରେ ସଂକ୍ରମିତ ହୋଇଥାନ୍ତି । ପୂର୍ବରୁ କୌଣସି ଲିଭର ସମସ୍ୟା ଥିଲେ ଲେପ୍ଟୋସ୍ପାଇରୋସିସର ସଂକ୍ରମଣ ହେଲେ ଏହା ଜଣଙ୍କ ଶରୀରକୁ ଅତ୍ୟନ୍ତ ଘାତକ ପେଟ ସମସ୍ୟା ପାଇଁ ବଡ଼ ବିପଦ ସୃଷ୍ଟି କରିଥାଏ । ବର୍ଷା ଦିନରେ ପ୍ରାୟତଃ ପରିପାକ ସମସ୍ୟା ଅନେକଙ୍କର ସ୍ୱାଭାବିକ ନଥାଏ । ସେହିପରି ବର୍ଷା ଦିନରେ ବାହାର ଖାଦ୍ୟ ପ୍ରଦୂଷିତ ହେବାର ଅନେକ ସମ୍ଭାବନା ରହିଥାଏ । ତେଣୁ ଏହି ଋତୁରେ ସୁଷମ ଖାଦ୍ୟ ଓ ଭଲ ଭାବରେ ସିଝା ହୋଇଥିବା ଘରୋଇ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରନ୍ତୁ । ବିଶୋଧିତ ପାଣି, ଫୁଟା ପାଣି ସବୁଠାରୁ ଭଲ । ଆମିଷ ଖାଦ୍ୟ, ବଜାରର ଫାଷ୍ଟଫୁଡ, ଫ୍ରିଜରେ ରହୁଥିବା ଖାଦ୍ୟ ଏସବୁ ଠାରୁ ଦୂରେଇ ରହିବା ସବୁଠାରୁ ଭଲ । ଫଳ ଏହି ଋତୁରେ ପରିପାକ ପାଇଁ ଅନେକଙ୍କ ଠାରେ ସ୍ୱାଭାବିକ ହୋଇନଥାଏ । ତେଣୁ ଏହି ସମୟରେ କମ ଫଳ ଖାଇବା ଭଲ । କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟ ଗ୍ରହଣ କରନ୍ତୁ ନାହିଁ । ବର୍ଷାକୁ ସାମ୍ନା କରୁଥିଲେ, ଚାଷୀ ମାନଙ୍କ କ୍ଷେତ୍ର ଏବଂ ଦୂଷିତ ବନ୍ୟାଜଳ ସଂସ୍ପର୍ଶରେ ଆସୁଥିବା ଲୋକମାନେ ୱାଟର ପ୍ରୁଭ୍ ବୁଟ ଓ ଗ୍ଲୋଭସ୍ ବ୍ୟବହାର କରିବା ଜରୁରୀ । ହାତକୁ ଭଲ ଭାବରେ ପରିଷ୍କାର ରଖନ୍ତୁ, କୌଣସି ଛୋଟିଆ ମୋଟିଆ କ୍ଷତ ହୋଇଥିଲେ ତୁରନ୍ତ ୱାଟପ୍ରୁଫ୍ ବ୍ୟାଣ୍ଡେଜ ଲଗାନ୍ତୁ, ଶୀଘ୍ର ଓଦା ପୋଷାକକୁ ବଦଳାନ୍ତୁ ଏବଂ ଘରର ପରିବେଶକୁ ଯଥା ସମ୍ଭବ ମୁକ୍ତ ବାୟୁ, ସନ୍ତସନ୍ତିଆ ପରିବେଶ ଠାରୁ ଦୂରେଇ ରଖନ୍ତୁ । ବର୍ଷା ଦିନରେ ପ୍ରାୟତଃ ଲିଭର ସମସ୍ୟା ଏହି ଦୂଷିତ ଖାଦ୍ୟ ଓ ପାନୀୟ ପାଇଁ ଦେଖାଦେଇଥାଏ । ତେଣୁ ବର୍ଷା ଋତୁରେ ନଖ ଉଷୁମ ପାଣି ପିଇବା ସବୁଠାରୁ ଭଲ । କୌଣସି ପ୍ରକାର ପେଟ ସମସ୍ୟା ଦେଖାଦେଲ ମନଇଚ୍ଛା ଯନ୍ତ୍ରଣା ଉପଷମକାରୀ ଟାବଲଟେ ଗ୍ରହଣ କରନ୍ତୁ ନାହିଁ । ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଆପଣଙ୍କ ସାଧାରଣ ପେଟ ସମସ୍ୟା, ବାନ୍ତି ସମସ୍ୟା ଏବଂ ଅସ୍ୱାଭାବିକ ଦେହ ହାତ ଘୋଳାବିନ୍ଧା ସମସ୍ୟା

## ନିଶା ବ୍ୟବହାର ରେ ରୋକ ଆଜିର ଆହ୍ୱାନ

ନିଶା ହେଉଛି ଏପରି ଏକ ଆସକ୍ତି ବା ଅଭ୍ୟାସ, ଯାହା ମଣିଷର ମସ୍ତିଷ୍କ, ଶରୀର, ଚିନ୍ତାଶକ୍ତି ଓ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବିସ୍ତାର କରେ । ଏହା ବ୍ୟକ୍ତିକୁ ଶାରୀରିକ ଓ ମାନସିକ ସ୍ତରରେ ସେହି ଦ୍ରବ୍ୟ ବା ବ୍ୟବହାର ଉପରେ ନିର୍ଭରଶୀଳ କରିଦିଏ, ଯାହାର ପରିଣାମ କ୍ଷତିକାରକ ଜାଣି ମଧ୍ୟ ମଣିଷ ତାହାକୁ ଛାଡ଼ିପାରେ ନାହିଁ । ଏକ ବାସ୍ତବବାଦୀ ଓ ଆଇନଗତ ବିଶ୍ଳେଷଣ ଅନୁଯାୟୀ ମଦ ନିଶ୍ଚିତ ଭାବରେ ଏକ ନିଶାଦ୍ରବ୍ୟ । ବିଜ୍ଞାନ, ଚିକିତ୍ସାଶାସ୍ତ୍ର ଏବଂ ଆଇନ ସମସ୍ତେ ମଦକୁ ଏକ ସ୍ନାୟୁବିକ ନିଶାଦ୍ରବ୍ୟ ଭାବରେ ଗ୍ରହଣ କରନ୍ତି । ମଦ ବିକ୍ରି ଓ ଉତ୍ପାଦନ ଉପରେ ଭାରୀ ଟିକସ/ ଲାଇସେନ୍ସ ରଖିବାର ଦୁଇଟି ମୁଖ୍ୟ କାରଣ ରହିଛି ସରକାରୀ ନୀତି ଅନୁଯାୟୀ, ଅତ୍ୟଧିକ ଟିକସ ଲଗାଇ ମଦର ଦାମ ବୃଦ୍ଧି କରାଯାଏ, ଯାହାଦ୍ୱାରା ଲୋକଙ୍କ ପାଇଁ ଏହାର ସହଜ ଉପଲବ୍ଧତା ସୀମିତ ରହିବ ।ପୂର୍ଣ୍ଣ ନିଷେଧାଦେଶ ଲାଗୁ କଲେ ମଦ ବେଆଇନ ଭାବେ ଓ ବିଷାକ୍ତ ଭାବେ ପ୍ରସ୍ତୁତ ହୋଇ ବିକ୍ରି ହେବାର ଆଶଙ୍କା ଥାଏ, ଯାହା ଅଧିକ ମୃତ୍ୟୁର କାରଣ ହୁଏ । ତେଣୁ ସରକାର ଲାଇସେନ୍ସ ପ୍ରଥା ମାଧ୍ୟମରେ ଏହାକୁ ନିୟନ୍ତ୍ରିତ ପରିସରରେ ରଖି ରାଜସ୍ୱ ରୋଜଗାର କରନ୍ତି । ତେବେ, ରାଜସ୍ୱ ଆଦାୟ ଓ ଜନସ୍ୱାସ୍ଥ୍ୟ ମଧ୍ୟରେ ଏହି ସନ୍ତୁଳନ ରଖିବା ସରକାରଙ୍କ ପାଇଁ ଏକ ବଡ଼ ନୀତିଗତ ଦ୍ୱନ୍ଦ୍ୱ । ଗଞ୍ଜେଇ, ଚରସ, ଅଫିମ, ବ୍ରାଉନ ସୁଗାର ସବୁଠାରୁ ଭୟଙ୍କର ଓ ପ୍ରାଣଘାତୀ ନିଶାଦ୍ରବ୍ୟ । ଭାରତରେ ଏଗୁଡ଼ିକ ଏନଡିପିଏସ ଆକ୍ଟ ଅଧୀନରେ ସମ୍ପୂର୍ଣ୍ଣ ବେଆଇନ ଏବଂ ଦଣ୍ଡନୀୟ ଅପରାଧ । ଏଗୁଡ଼ିକ ମଣିଷର କେନ୍ଦ୍ରୀୟ ସ୍ନାୟୁତନ୍ତ୍ରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଏ ଏବଂ ଅତି କମ୍ ସମୟ ମଧ୍ୟରେ ତୀବ୍ର ଆସକ୍ତି ସୃଷ୍ଟି କରେ । ମଦ ଭଳି ଏଗୁଡ଼ିକର ବିକ୍ରି ବା ଉତ୍ପାଦନ ପାଇଁ କୌଣସି ଲାଇସେନ୍ସ ଦିଆଯାଏ ନାହିଁ । ଏହାର କାରବାର ସମ୍ପୂର୍ଣ୍ଣ ଅବୈଧ । ସରକାର ଗୋଟିଏ ପଟେ ମଦରୁ ରାଜସ୍ୱ ଆଦାୟ କରିବା ଏବଂ ଅନ୍ୟପଟେ ନିଶାମୁକ୍ତ ଦିବସ ବା ଶପଥ ପାଠ କରାଇବାକୁ ଅନେକ ସମୟରେ 'ଦୋମୁହାଁ ନୀତି' ବୋଲି ସମାଲୋଚନା କରାଯାଏ । ତେବେ ଏହି କାର୍ଯ୍ୟକ୍ରମଗୁଡ଼ିକ ପଛରେ କିଛି ଆବଶ୍ୟକତା ମଧ୍ୟ ରହିଛି, ଯୁବପିଢ଼ିଙ୍କୁ ବେଆଇନ ଡ୍ରଗ୍ସ (ବ୍ରାଉନ ସୁଗାର, ଗଞ୍ଜେଇ) ଏବଂ ମଦ/ତମାଖୁର କୁପରିଣାମ ବିଷୟରେ ଶିକ୍ଷିତ କରିବା । ସାମାଜିକ ସ୍ତରରେ ଶପଥ ଓ ପ୍ରଚାର ମାଧ୍ୟମରେ ନିଶା ବିରୋଧୀ ବାତାବରଣ ତିଆରି କରିବା । ତେବେ କେବଳ ସଚେତନତା ଦିବସ ପାଳନ କରି କାର୍ଯ୍ୟାନୁଷ୍ଠାନ ନନେଲେ ଏହା ନିଶ୍ଚିତ ଭାବେ ଏକ ପ୍ରବଂଚନା ପାଲଟିଯାଏ । ସଚେତନତା କାର୍ଯ୍ୟକ୍ରମଗୁଡ଼ିକରେ ସମସ୍ତ ପ୍ରକାର ନିଶାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଏ,ମଦ, ସିଗାରେଟ୍, ଗୁଟଖା, ଜର୍ଦ୍ଦା ଯାହା ଉପରେ କଟକଣା ଓ ଟିକସ ଥାଏ, କିନ୍ତୁ ବିକ୍ରି ହୁଏ । ଯଦି ନିଶାମୁକ୍ତ ଉନ୍ନରପିଢ଼ି ଗଠନ କରିବା ପ୍ରକୃତ ଲକ୍ଷ୍ୟ, ତେବେ ପୂର୍ଣ୍ଣ କଠୋରତା ଆପଣାଇବାରେ କିଛି ବାସ୍ତବିକ ଓ ପ୍ରଶାସନିକ ଆହ୍ୱାନ ରହିଛି,ସମ୍ପୂର୍ଣ୍ଣ ନିଷେଧର ବାସ୍ତବିକ ବିଫଳତା ଇତିହାସ ଓ ବର୍ତ୍ତମାନର ବିଭିନ୍ନ ରାଜ୍ୟ ର ଉଦାହରଣ ଦେଖିଲେ ଜଣାପଡ଼େ ଯେ, କେବଳ ଆଇନଗତ ଭାବେ ମଦ ବ୍ୟାନ କଲେ ନିଶା ବନ୍ଦ ହୋଇଯାଏ ନାହିଁ । ବରଂ ଏହା ବେଆଇନ ଚୋରା କାରବାର, ବିଷାକ୍ତ ମଦ ତ୍ରାସଦୀ ଏବଂ ବ୍ରାଉନ ସୁଗାର/ଗଞ୍ଜେଇ ଭଳି ଅଧିକ ଭୟଙ୍କର ବେଆଇନ ଡ୍ରଗ୍ସର ବ୍ୟବହାରକୁ ବଢ଼ାଇଦିଏ ।ରାଜ୍ୟ ସରକାରମାନଙ୍କର ରାଜସ୍ୱର ଏକ ବଡ଼ ଭାଗ ମଦ ବିକ୍ରିରୁ ଆସିଥାଏ, ଯାହା ବିକାଶମୂଳକ କାର୍ଯ୍ୟ ଓ କଲ୍ୟାଣକାରୀ ଯୋଜନାରେ ଖର୍ଚ୍ଚ ହୁଏ । ଏହାକୁ ହଠାତ୍ ବନ୍ଦ କରିବା ଅର୍ଥନୈତିକ ସ୍ଥିରତା ପ୍ରତି ଆହ୍ୱାନ ଆଣିଥାଏ ।ସିନ୍ଥେଟିକ୍ ଡ୍ରଗ୍ସ ଆନ୍ତର୍ଜାତୀୟ ଓ ଆନ୍ତଃରାଜ୍ୟ ବେଆଇନ ନେଟୱାର୍କ ଦ୍ୱାରା ପରିଚାଳିତ । ଏହାକୁ ସମ୍ପୂର୍ଣ୍ଣ ରୋକିବା ପାଇଁ କେବଳ ଆଇନ ନୁହେଁ, ଅତ୍ୟନ୍ତ କଠୋର ପୋଲିସିଂ ଓ ସୀମା ସୁରକ୍ଷା ପ୍ରଶାସନ ଦରକାର । ସରକାରୀ ସଚେତନତା ଦିବସ ଓ ଶପଥ ପାଳନ ସେତେବେଳେ ଯାଏଁ ସାର୍ଥକ ହେବ ନାହିଁ, ଯେପର୍ଯ୍ୟନ୍ତ :ବେଆଇନ ଡ୍ରଗ୍ସ ସରବରାହ କରୁଥିବା ମୁଖ୍ୟ ମାଫିଆଙ୍କ ବିରୋଧରେ ଶୂନ୍ୟ ସହନଶୀଳତା କାର୍ଯ୍ୟାନୁଷ୍ଠାନ ନହୋଇଛି । ମଦର ସହଜ ଉପଲବ୍ଧତା ଓ ବିଜ୍ଞାପନ ଉପରେ କଠୋର ଆଇନଗତ ସୀମା ନରଖାଯାଇଛି । ସ୍କୁଲ, କଲେଜ ଓ ସମାଜ ସ୍ତରରେ ଯୁବପିଢ଼ିଙ୍କୁ ନିଶାମୁକ୍ତ ରଖିବା ପାଇଁ ଶିକ୍ଷା ସହ ପୁନର୍ବାସ କେନ୍ଦ୍ରଗୁଡ଼ିକୁ ମଜବୁତ୍ ନକରାଯାଇଛି । କେବଳ ନୀତିବାକ୍ୟ ନୁହେଁ, ବରଂ ଆଇନର କଠୋର ପ୍ରୟୋଗ ଏବଂ ସାମାଜିକଅଙ୍ଗୀକାର ଯୁବପିଢ଼ିଙ୍କୁ ନିଶା କବଳରୁ ରକ୍ଷା କରିବା ପାଇଁ କେବଳ ଆଇନ ବା ସରକାରୀ ନୀତି ଯଥେଷ୍ଟ ନୁହେଁ । ପ୍ରଥମ ସୁରକ୍ଷା ବଳୟ ଭାବରେ ପରିବାର ଏବଂ ଦ୍ୱିତୀୟ ସୁରକ୍ଷା ବଳୟ ଭାବରେ ସମାଜର ଭୂମିକା ଅତ୍ୟନ୍ତ ନିର୍ଣ୍ଣାୟକ । ପ୍ରାୟତଃ ଏକାକୀପଣ, ମାନସିକ ଚାପ, କୌତୂହଳ ବା ଖରାପ ସଙ୍ଗତ ଯୋଗୁଁ ପିଲାମାନେ ନିଶା ଆଡ଼କୁ ଆକୃଷ୍ଟ ହୁଅନ୍ତି । ଏଥିପାଇଁ ପରିବାରରେ ଏପରି ପରିବେଶ ରହିବା ଉଚିତ୍ ଯେଉଁଠାରେ ପିଲାମାନେ ନିଜର ଭୟ, ଚାପ ବା ସମସ୍ୟା ବିଷୟରେ ଖୋଲାଖୋଲି କଥା ହୋଇପାରିବେ । ଭୟ ଦେଖାଇବା ପରିବର୍ତ୍ତେ ବନ୍ଧୁପୂର୍ଣ୍ଣ ବ୍ୟବହାର ଦ୍ୱାରା ସେମାନଙ୍କର ବିଶ୍ୱାସ ଜିତିବା ଜରୁରୀ । ପିଲାଙ୍କର ଶୋଇବା/ ଖାଇବା ଅଭ୍ୟାସ, ହଠାତ୍ ରାଗିଯିବା, ପାଠପଢ଼ାରେ ମନ ନଲାଗିବା, ଅଧିକ ଟଙ୍କା ମାଗିବା ବା ଏକାକୀ ରହିବାର ପ୍ରବୃତି ଦେଖାଗଲେ ତାହାକୁ ଅବହେଳା ନକରି ତୁରନ୍ତ ଧ୍ୟାନ ଦେବା ଉଚିତ୍ ।ପିଲା କେଉଁମାନଙ୍କ ସହ ସମୟ ବିତାଉଛନ୍ତି ଏବଂ ସୋସିଆଲ ମିଡିଆ/ ଇଂଟରନେଟରେ କିପରି ସମୟ ବିତାଉଛନ୍ତି, ସେ ସମ୍ପର୍କରେ ସଚେତନ ରହିବା ଆବଶ୍ୟକ । ପରିବାରର ବରିଷ୍ଠ ସଦସ୍ୟମାନେ ନିଜେ ମଦ, ତମାଖୁ ବା ଅନ୍ୟ ନିଶାରୁ ଦୂରେଇ ରହିବା ଉଚିତ୍ । ଘରେ ନିଶାମୁକ୍ତ ପରିବେଶ ପିଲାଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଏ । ପିଲାଙ୍କୁ ଖେଳକୁଦ, ବ୍ୟାୟାମ, ଚିତ୍ରାଙ୍କନ, ସଙ୍ଗୀତ, କ୍ରୀଡ଼ା ବା ସାମାଜିକ ସେବା ଭଳି ସକାରାତ୍ମକ କାର୍ଯ୍ୟରେ ନିୟୋଜିତ ରଖିଲେ ସେମାନଙ୍କ ଶକ୍ତି ସଠିକ୍ ଦିଗରେ ବ୍ୟବହୃତ ହୁଏ । ଏକ ସୁସ୍ଥ ଓ ନିରାପଦ ସାମାଜିକ ପରିବେଶ ଯୁବପିଢ଼ିଙ୍କୁ ବାଟବଣା ହେବାରୁ ରକ୍ଷା କରିପାରିବ:: ଗ୍ରାମ ବା ମୋହଲ୍ଲା ସ୍ତରରେ ଯୁବ କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗ୍ରାମସଭା ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ । ସ୍କୁଲ/ କଲେଜ ନିକଟରେ ଚୋରାରେ ମଦ, ଗୁଟଖା, ଗଞ୍ଜେଇ ବା ବ୍ରାଉନ ସୁଗାର ବିକ୍ରି ହେଉଥିଲେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ପୋଲିସକୁ ସୂଚନା ଦେବା ଉଚିତ୍ । ନିଶାସକ୍ତ ବ୍ୟକ୍ତିଙ୍କୁ 'ଅପରାଧୀ' ଭାବେ ନଦେଖି ଜଣେ 'ରୋଗୀ' ଭାବେ ଦେଖିବା ଆବଶ୍ୟକ । ସେମାନଙ୍କୁ ସମାଜରୁ ବାସନ୍ଦ ନକରି ଚିକିତ୍ସା ଓ ପୁନର୍ବାସ ପାଇଁ ସହଯୋଗ କରିବା ଉଚିତ୍ । ସ୍କୁଲ ଓ କଲେଜଗୁଡ଼ିକରେ କେବଳ ନୀତିଶିକ୍ଷା ନୁହେଁ, ବରଂ ବୃତିଗତ କାଉନସେଲର ରଖାଯିବା ଦରକାର, ଯେଉଁମାନେ ପିଲାଙ୍କ ମାନସିକ ଚାପ ବୁଝି ନିଶାମୁକ୍ତି ପାଇଁ ପରାମର୍ଶ ଦେଇପାରିବେ । ନିଶାରୁ ମୁକ୍ତ ହୋଇଥିବା ଯୁବକମାନଙ୍କୁ ପୁନର୍ବାର ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ତାଲିମ, କର୍ମସଂସ୍ଥାନ ଓ କ୍ରୀଡ଼ା/ ସାଂସ୍କୃତିକ କାର୍ଯ୍ୟକ୍ରମର ସୁଯୋଗ ଦେବା ଉଚିତ୍ । ଯୁବପିଢ଼ିଙ୍କୁ ନିଶାରୁ ଦୂରେଇ ରଖିବାକୁ ହେଲେ 'ସ୍ନେହ ଓ ସଂସ୍କାର + ସଚେତନତା ଓ ସହଯୋଗ + କଠୋର ଆଇନ ଏହି ତିନୋଟିର ସମନ୍ୱୟ ଆବଶ୍ୟକ । ପରିବାରର ଆତ୍ମୀୟତା ଏବଂ ସମାଜର ସହଯୋଗୀ ମନୋଭାବ ଯୁବକମାନଙ୍କୁ କେବଳ ନିଶାରୁ ରକ୍ଷା କରିବ ନାହିଁ, ବରଂ ସେମାନଙ୍କୁ ଦେଶର ଦକ୍ଷ ନାଗରିକ ଭାବେ ଗଢ଼ିତୋଳିବ । ମିଶିଲେ ଯାଇ ଭବିଷ୍ୟତ ପିଢ଼ିକୁ ସତ୍ୟପ୍ରତିଜ୍ଞ ଭାବେ ନିଶାମୁକ୍ତ କରାଯାଇପାରିବ ।**(ଏ ଆର ଖାନ, କେନ୍ଦୁଝର )**

## ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ସ୍ମରଣେ

ଭାରତରେ ରସାୟନ ବିଜ୍ଞାନର ଜନକ, ଯିଏକି ଦେଶର ପ୍ରଥମ ଆଧୁନିକ ରସାୟନ ଗବେଷଣା ବିଦ୍ୟାଳୟର ପ୍ରତିଷ୍ଠାତା,ସିଏହେଉଛନ୍ତି ଏକାଧାରରେ ଜଣେ ଶିକ୍ଷାବିତ୍, ଶିଳ୍ପପତି, ଐତିହାସିକ,ଜନହିତକାରୀ ତଥା ଜଣେ ପ୍ରଖ୍ୟାତ ବେଙ୍ଗଲି ରସାୟନବିତ, ଆଚାର୍ଯ୍ୟ ସାର୍ ପ୍ରଫୁଲ୍ଲ ଚନ୍ଦ୍ର ରାୟ ।ପିତା ହରିଶ୍ ଚନ୍ଦ୍ର ରାୟଚୌଧୁରୀ ଏବଂ ମାତା ଭୁବନମୋହିନୀ ଦେବୀଙ୍କ ତୃତୀୟ ସନ୍ତାନ ରୂପେ ଜନ୍ମଗ୍ରହଣ କରିଥିଲେ ପ୍ରଫୁଲ୍ଲଚନ୍ଦ୍ର,ବଙ୍ଗଳାର ଖୁଲ୍ନା ଜିଲ୍ଲା ଅର୍ନ୍ତଗତ ଚାରୁଲିକଟିପରା ନାମକ କ୍ଷୁଦ୍ର ଗ୍ରାମରେ ୧୮୬୧ ମସିହା ଅଗଷ୍ଟ ମାସ ଦୁଇ ତାରିଖ ଦିନ ।ତାଙ୍କ ଗ୍ରାମରେ ତାଙ୍କ ପିତାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟରେ, ୧୮୬୬ ମସିହାରେ,ସେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ ।ପ୍ରଫୁଲ୍ଲଙ୍କୁ ଯେତେବେଳେ ଦଶ ବର୍ଷ ହୋଇଥିଲା,ତାଙ୍କ ବଡଭାଇ ଜ୍ଞାନେନ୍ଦ୍ରଙ୍କ ଗାଁ ବିଦ୍ୟାଳୟରୁ ଶିକ୍ଷା ସମାପ୍ତି ହୋଇ ଯାଇଥିଲା ଏବଂ ତାଙ୍କ ପିତା, ତାଙ୍କର ଉଚ୍ଚଶିକ୍ଷା ନିମନ୍ତେ ତାଙ୍କୁ କଲିକତାକୁ ନେବା ସହିତ, ପ୍ରଫୁଲ୍ଲଙ୍କୁ ମଧ୍ୟ ନେଇଯାଇଥିଲେ । କଲିକତାର ୧୩୨ ଆମର୍ହଷ୍ଟଷ୍ଟ୍ରିଟର ଏକ ଭଡା ଘରେ ରହି ,ସେଠାକାର ଏକ ପ୍ରସିଦ୍ଧ ବିଦ୍ୟାଳୟ ହେୟରରେ ତାଙ୍କ ନାମ ଲେଖାଇ ଦେଲେ ।ତାଙ୍କର ସାଦାସିଧା ଗାଁଉଲି ଚାଲିଚଳନ ଯୋଗୁଁ,ସହରୀ ପିଲା ମାନଙ୍କର ଥଟ୍ଟା ମଜା ତାଙ୍କ ନିମନ୍ତେ ଆଶୀର୍ବାଦ ସ୍ୱରୁପ କାମ ଦେଲା । ସେ ସେମାନଙ୍କ ସହିତ ନମିଶି,ପାଠ ପଢିବାରେ ଅଧିକ ମନୋନିବେଶ କରିଥିଲେ ଏବଂ ବିଦ୍ୟାଳୟରୁ ଫେରିବା ପରେ,ପିତାଙ୍କ ପାଠାଗାରରେ ବସି ପୁସ୍ତକ ଅଧ୍ୟୟନରେ ସମୟର ସଦୁପଯୋଗ କରୁଥିଲେ ।ପିଲା ଦିନରୁ ସେ ବିଖ୍ୟାତ ବୈଜ୍ଞାନିକ ମାନଙ୍କ ଜୀବନୀ ପଢିବାକୁ ଭଲ ପାଉଥିଲେ ।୧୮୭୪ ମସିହାରେ,ସେ ଯେତେବେଳେ ଚତୁର୍ଥ ଷ୍ଟାଣ୍ଡାର୍ଡରେ ପଢୁଥିଲେ,ସେ ଭୀଷଣ ଭାବରେ ଆମାଶୟ ଦ୍ୱାରା ଆକ୍ରାନ୍ତ ହୋଇ,ପାଠ ଛାଡି,ନିଜ ଗ୍ରାମକୁ ଫେରିବାକୁ ବାଧ୍ୟ ହୋଇଥିଲେ ।ବିଦ୍ୟାଳୟକୁ ନଯାଇ ଘରେ ରହି ପାଠ ପଢିବା ଦ୍ୱାରା,ସେ ବିଭିନ୍ନ ଭାଷା ଅଧ୍ୟୟନ କରି ଦକ୍ଷତା ହାସଲ କରିବାର ସୁଯୋଗ ପାଇଲେ ।୧୮୭୬ ମସିହାରେ,ସେ ସଂପୁର୍ଣ ସୁସ୍ଥ ହୋଇ,କଲିକତାକୁ ଫେରି ବ୍ରହ୍ମ ସଂସ୍କାରକ କେଶବ ଚନ୍ଦ୍ର ସେନଙ୍କ ଦ୍ୱାରା ପ୍ରତିଷ୍ଠିତ,ଆଲବର୍ଟ ସ୍କୁଲରେ ନାମ ଲେଖାଇଥିଲେ । ଗୃହାବସ୍ଥାନ ସମୟରେ ଏକାଗ୍ରତା ସହିତ ଅଧ୍ୟୟନ ଫଳରେ,ସେ ଦୈନନ୍ଦିନ ବିଦ୍ୟାଳୟକୁ ଆସୁଥିବା ଛାତ୍ର ଛାତ୍ରୀ ମାନଙ୍କ ଠାରୁ କୌଣସି ଗୁଣରେ କମ୍ ନଥିଲେ ।ବେଙ୍ଗଲୀ ସାହିତ୍ୟ ସାଙ୍ଗକୁ,ସେ ଗ୍ରୀକ୍,ଫ୍ରେଂଚ୍,ଲାଟିନ୍ ଏବଂ ସଂସ୍କୃତ ଭାଷାରେ ମଧ୍ୟ ଦକ୍ଷତା ଅର୍ଜନ କରିଥିଲେ । ୧୮୭୮ରେ ସେ ମାଟ୍ରିକୁଲେସନରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିଲେ ।ତାପରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିଷ୍ଠିତ ଅନୁଷ୍ଠାନରେ ଏଫ୍.ଏ (ଫାଷ୍ଟ ଆର୍ଟସ)ରେ ପଢିଥିଲେ । ସେତେବେଳେ ରସାୟନ ବିଜ୍ଞାନ ଏକ ବାଧ୍ୟତାମୂଳକ ବିଷୟ ରୁପେ ପଢା ଯାଉଥିଲା ।ଏହି ବିଷୟ ପ୍ରତି ପ୍ରଫୁଲ୍ଲଙ୍କର ବିଶେଷ ରୁଚି ଥିଲା ।ଏଫ୍.ଏ ପାଶ୍ କରିବା ପରେ ଜଣେ ରସାୟନ ବିଜ୍ଞାନ ଛାତ୍ର ଭାବରେ,କଲିକତା ବିଶ୍ୱ ବିଦ୍ୟାଳୟରେ ଡିଗ୍ରୀ ଅଧ୍ୟୟନ ଆରମ୍ଭକଲେ । ସେତିକିବେଳେ,ସର୍ବଭାରତୀୟ ସ୍ତରରେ "ଗିଲ୍‌କ୍ରାଇଷ୍ଟ" ନାମକ ଏକ ପ୍ରତିଯୋଗିତା ମୂଳକ ଛାତ୍ରବୃତି ପରୀକ୍ଷା ଆୟୋଜିତ ହୋଇଥିଲା,ଯେଉଁଥିରେ ସଫଳ ହେଲେ ସରକାରଙ୍କ ଠାରୁ ବୃତି ପାଇ ଇଂଲଣ୍ଡରେ ଅଧ୍ୟୟନ କରିବାର ସୁଯୋଗ ମିଳୁଥିଲା ।ଭାରତରୁ ଯେଉଁ ଦୁଇଜଣ ଏହି ପରୀକ୍ଷାରେ ସଫଳ ହୋଇଥିଲେ,ସେ ଥିଲେ ତନ୍ମଧ୍ୟରୁ ଜଣେ ।ଚକିତ ହୋଇଯାଇଥିଲେ ସାରା କଲେଜ୍‌ର ଅଧ୍ୟାପକ ଓ ଛାତ୍ର ମାନେ,ଜଣେ ଗାଉଁଲୀ ପିଲାର କୃତିତ୍ୱରେ ।କଲିକତାରେ ଡିଗ୍ରୀ ପାଠରେ ଡୋର ବାନ୍ଧି, ୧୮୮୨ ମସିହା ଅଗଷ୍ଟ ମାସରେ ,ସେ ବାହାରିଲେ ଲଣ୍ଡନ ଅଭିମୁଖେ ।ସେଠାରେ ଏଡିନବର୍ଗ ବିଶ୍ୱବିଦ୍ୟାଳୟରେ, ଆଲେକଜାଣ୍ଡର କ୍ରମ ବ୍ରାଉନ୍‌ଙ୍କ ଅଧୀନରେ ରସାୟନ ଶିକ୍ଷା ଆରମ୍ଭ କରିଦେଲେ ।ସେଠାରେ ସେ ଅଧ୍ୟୟନ କରୁଥିବା ସମୟରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ "ଭାରତ୧୮୫୭ ବିଦ୍ରୋହ ପୂର୍ବରୁ ଓ ପରେ"ନାମକ ଏକ ପ୍ରବନ୍ଧ ପ୍ରତିଯୋଗିତା ର ଆୟୋଜନ କରି ସର୍ବଶ୍ରେଷ୍ଠ ପ୍ରବନ୍ଧକୁ ପୁରସ୍କାର ଦେବାର ଘୋଷଣା କରିଥିଲେ ।ଲକ୍ଷ ଥିଲା ଛାତ୍ରମାନେ ଇଂରେଜ ମାନଙ୍କ କାର୍ଯ୍ୟକୁ ଠିକ୍ ବୋଲି ଦର୍ଶାଇ ପ୍ରବନ୍ଧ ଲେଖନ୍ତୁ । କିନ୍ତୁ ଦେଶପ୍ରେମୀ ପ୍ରଫୁଲ୍ଲ, ଇଂରେଜ ମାନଙ୍କ ଏକଛତ୍ରବାଦ ଯୋଗୁଁ ଏହି ବିଦ୍ରୋହ ସଙ୍ଗଠିତ ହୋଇଥିଲା ବୋଲି ସତ୍ୟକୁ, ନିର୍ଭିକ ଭାବରେ ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରି ସାରା ଇଂଲଣ୍ଡରେ ଚହଳ ପକାଇ ଦେଇଥିଲେ ।ତାପରେ ସେ "ଅଶୋଧିତ ଧାତୁର ବିଶ୍ଳେଷଣ"ଉପରେ ଗବେଷଣା କରି ଡକ୍ଟରେଟ୍ ଡିଗ୍ରୀ ପାଇଥିଲେ ଏବଂ ଏଡିନବର୍ଗ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ସୋସାଇଟିର ଉପାଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଥିଲେ ।ତାପରେ ସେ ନିଜ ଦେଶକୁ ଫେରି ଆସି ଖଣ୍ଡିଏ ଚାକିରୀ ଅନ୍ୱେଷଣ ଜାରି ରଖିବା ସହିତ ,ନିଜର ପୁରୁଣା ବନ୍ଧୁ ଡକ୍ଟର ଜଗଦୀଶ ଚନ୍ଦ୍ର ବୋଷଙ୍କ ସହିତ ମିଶି ରସାୟନ ସମ୍ବନ୍ଧୀୟ ଗବେଷଣା ଜାରି ରଖିଲେ ।ହଠାତ୍ ପ୍ରଫୁଲ୍ଲଚନ୍ଦ୍ର ପାରଦ ଓ ତେଜାବ କୁ ପ୍ରୟୋଗ କରି ନାଇଟ୍ରେଟ୍ ର ଆବିଷ୍କାର କରିଥିଲେ,ଯାହାକି ସାରା ପୃଥିବୀର ରସାୟନ ବିଜ୍ଞାନୀ ମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା ।ସେହି ମରକ୍ୟୁରସ ନାଇଟ୍ରେଟ୍ ରେ କିଛି ହଳଦିଆ କଣିକା ଦେଖିବାକୁ ପାଇଥିଲେ ।ଏହି ନୁତନ ଆବିଷ୍କାର ବାବଦରେ ସର୍ବପ୍ରଥମେ ବେଙ୍ଗଲର ଏସିଆଟିକ ସୋସାଇଟି ଜର୍ଣାଲରେ ପ୍ରକାଶିତ ହେବା ପରେ ସାରା ବିଶ୍ୱରୁ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟିଲା ।ଏହି ଗବେଷଣା ପରେ, ସେ ନୂଆ ନୂଆ ବିଭିନ୍ନ ଧାତୁର ମିଶ୍ରଣରେ ଅନେକ ପ୍ରକାର ଯୌଗିକ ପଦାର୍ଥ ଆବିଷ୍କାର ମଧ୍ୟ କରିଥିଲେ ।ତାପରେ ଦେଶଭକ୍ତ ପ୍ରଫୁଲ୍ଲଚନ୍ଦ୍ର ସ୍ୱଦେଶୀ ଜ୍ଞାନ କୌଶଳରେ "ବେଙ୍ଗଲ କେମିକାଲସ"ନାମକ ଏକ ବୃହତ ଶିଳ୍ପ ସ୍ଥାପନ କରିଥିଲେ ।ତାଛଡା ଦେଶକୁ ସ୍ୱାବଲମ୍ବୀ କରିବା ଏବଂ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ,ସେ ୧୯୦୧ରେ "କଲିକତା ପଟରୀ ଓାର୍କସ"ନାମକ ଚିନାମାଟି ପାତ୍ର ନିର୍ମାଣ କାରଖାନା,୧୯୦୫ରେ "ବେଙ୍ଗଲ ଷ୍ଟିମ୍ ନାଭିଗେସନ"କମ୍ପାନୀ,୧୯୨୧ରେ "ବେଙ୍ଗଲ ଇନାମେଲ ଓାର୍କସ୍" ପରି ଅନେକ ଶିଳ୍ପ ପ୍ରତିଷ୍ଠା କରିଥିଲେ ।୧୯୨୪ ମସିହାରେ ରାୟ,ଭାରତୀୟ ରସାୟନ ବିଦ୍ୟାଳୟ ସ୍ଥାପନା କରିଥିଲେ ।୧୯୨୦ ସେସନ୍ ରେ ସେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ଦାୟିତ୍ୱ ତୁଲାଉଥିଲେ ।ବଙ୍ଗଳା ଭାଷାରେ ପ୍ରକାଶିତ ଅନେକ ପତ୍ର ପତ୍ରିକା ରେ ,ଧାରାବାହିକ ଭାବରେ ତାଙ୍କ ବିଜ୍ଞାନ ସମ୍ବନ୍ଧୀୟ ଲେଖା ବାହାରୁଥିଲା ।୧୯୩୨ ରେ "ଲାଇଫ ଆଣ୍ଡ ଏକ୍ସପେରିଏନସ ଅଫ ଏ ବେଙ୍ଗଲି କେମିଷ୍ଟ"ନାମକ ଆତ୍ମ ଜୀବନୀ ପ୍ରକାଶ କରିଥିଲେ । ୧୯୦୨ରେ ସେ," ଏ ହିସଟ୍ରି ଅଫ ହିନ୍ଦୁ କେମେଷ୍ଟ୍ରି ଫ୍ରମ ଦ ୟରଲିଏଷ୍ଟ ଟାଇମ ଟୁ ଦ ମିଡିଲ ଅଫ ସିକ୍ସଟିନଥ୍ ସେଂଚୁରୀ"ର ପ୍ରଥମ ସଂସ୍କରଣ ଏବଂ ୧୯୦୯ ରେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିଥିଲେ ।ସାମାଜିକ ସେବା କ୍ଷେତ୍ରରେ ସେ,୧୯୨୩ ରେ ପୂର୍ବ ବଙ୍ଗଳାର ବନ୍ୟା ଆକ୍ରାନ୍ତ ଗୃହଶୂନ୍ୟ ଏବଂ ଭୋକିଲା ମାନଙ୍କ ପାଇଁ "ବେଙ୍ଗଲ ରିଲିଫ କମିଟି"ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରି,ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ବନ୍ୟା ପ୍ରପୀଡିତ ମାନଙ୍କ ମଧ୍ୟରେ ବଂଟନ କରିଥିଲେ । ସାଧାରଣ ବ୍ରହ୍ମ ସମାଜ,ବ୍ରହ୍ମ ବାଳିକା ବିଦ୍ୟାଳୟ ଏବଂ ଭାରତୀୟ ରସାୟନ ସୋସାଇଟିର ପରିଚାଳନା ନିମନ୍ତେ ସେ ବରାବର ଆର୍ଥିକ ଅନୁଦାନ ପ୍ରଦାନ କରୁଥିଲେ । ଜୀବନ କାଳ ମଧ୍ୟରେ ଅନେକ ପୁରଷ୍କାର,ସମ୍ମାନ ଓ ସମ୍ମାନ ଜନକ ଉପାଧି ପ୍ରାପ୍ତ ହୋଇଥିଲେ । ୧୮୮୭ରେ ଏଡିନବର୍ଗ ବିଶ୍ୱବିଦ୍ୟାଳୟରୁ "ଫାରାଡେ ଗୋଲ୍ଡ ମେଡାଲ୍ "୧୯୧୨ରେ "କମ୍ପାନିୟନ ଅଫ ଦ ଅଡର୍ର ଅଫ ଦ ଇଣ୍ଡିଆନ ଏମ୍ପାୟାର"୧୯୧୯ରେ"ନାଇଟ ବାଚଲର୍"ଇତ୍ୟାଦି ପାଇବାର ଯୋଗ୍ୟତା ଅର୍ଜନ କରିଥିଲେ ।ସମ୍ମାନ ଜନକ ଉପାଧି ଧ୍ୟରେ ୧୯୦୮ରେକଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା"ଅନରାରୀ ଡକ୍ଟର ଅଫ ଫିଲୋସଫି ଡିଗ୍ରୀ"୧୯୧୨ରେ ଦୁରାମ ବିଶ୍ୱବିଦ୍ୟାଳୟ ଦ୍ୱାରା"ଅନରାରୀ ଡି.ଏସସି ଡିଗ୍ରୀ"୧୯୨୦ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତରଫରୁ"ଅନରାରୀ ଡି.ଏସସି ଡିଗ୍ରୀ"୧୯୨୦ ଏବଂ ୧୯୩୬ରେ ଢାକା ବିଶ୍ୱବିଦ୍ୟାଳୟ ତରଫରୁ "ଅନରାରୀ ଡି.ଏସସି ଡିଗ୍ରୀ"ପାଇଥିଲେ ।୧୯୪୪ ମସିହା ଜୁନ୍ ଚଉଦ ତାରିଖରେ,ଏହି ମହାନ୍ ବୈଜ୍ଞାନିକ,ଦେଶ ସେବକ,ଲେଖକ, ଶିଳ୍ପପତି ସବୁଦିନ ପାଇଁ ଆମ ଗହଣରୁ ବିଦାୟ ନେଇ ଚିର ନିଦ୍ରାରେ ଶୟନ କରି ଦେଶର ଏକ ଅପୂରଣୀୟ କ୍ଷତି କରିଦେଲେ,ଯାହାକି ପୂର୍ଣ୍ଣ ହେବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ ।

## ସଫଳ ସଇତାନ

ଡକ୍ଟର ଫିଲିପ୍‌ସ ତାଙ୍କ ପୋଷ୍ଟରେ ବିଭିନ୍ନ ବୈଜ୍ଞାନିକ ଗବେଷଣାପ୍ରସୂତ ତଥ୍ୟକୁ ଆଧାର କରି ଦର୍ଶାଇଛନ୍ତି ଯେ କୌଣସି ବି ମାତ୍ରାରେ ମଦ୍ୟପାନ ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ ନିରାପଦ ନୁହେଁ, ତାହା ଯେତେ ସାମାନ୍ୟ ହୋଇଥାଉ ନା କାହିଁକି । ସେ ମଧ୍ୟ ମଦ୍ୟପାନର ଭୟଙ୍କର ସାମାଜିକ କୁପରିଣାମମାନ ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ଭୁଲି ନାହାନ୍ତି । ଗଣମାଧ୍ୟମରେ ପ୍ରକାଶିତ ଏ ସଂପର୍କିତ ଉଦାହରଣମାନଙ୍କୁ ଉଦ୍ଧାର କରି ସେ ଲେଖିଛନ୍ତି, ''ମଦ୍ୟପାନ ମଧ୍ୟ ହେଉଛି ଏକ ସାମାଜିକ ବିଷ । ଏହା ଲୋକଙ୍କୁ ସମାଜ ପ୍ରତି ଏକ ଆତଙ୍କରେ ପରିଣତ ହେବା ପାଇଁ ପ୍ରବୃତ କରିଥାଏ, ପ୍ରାଣ ନାଶ ଘଟାଇଥାଏ, ପରିବାରକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥାଏ ।'' ସୋସିଆଲ୍ ମିଡିଆରେ ସକ୍ରିୟ ଥିବା କେରଳ ଜନ୍ମିତ ଯକୃତ୍ ବିଶେଷଜ୍ଞ ଡକ୍ଟର ସିରିଆକ୍ ଆବି ଫିଲିପ୍‌ସ ତାଙ୍କର ସୋସିଆଲ୍ ମିଡିଆ ହାଣ୍ଡଲ ଅନୁସାରେ ତାଙ୍କର ଅଗଣିତ ଅନୁଗାମୀମାନଙ୍କ ନିକଟରେ 'ଦି ଲିଭର ଡକ୍' ରୂପେ ସୁପରିଚିତ । ଏବେ ସେ 'ଏକ୍ସ' (ପୂର୍ବତନ 'ଟ୍ୱିଟର)ରେ ପ୍ରସାରିତ କରିଥିବା ଏକ ଦୀର୍ଘ ପୋଷ୍ଟ ସୋସିଆଲ୍ ମିଡିଆ ଦୁନିଆରେ ପ୍ରବଳ ଚାଂଚଲ୍ୟ ସୃଷ୍ଟି କରିବାରେ ଲାଗିଛି । 'ଦି ଲିଭର ଡକ୍'ଙ୍କର ଏହି ପୋଷ୍ଟ ହେଉଛି ସେଇ ସୋସିଆଲ୍ ମିଡିଆରେ ନିକଟରେ ପ୍ରସାରିତ ହୋଇଥିବା କେତେଜଣ ଜଣାଶୁଣା ବ୍ୟବସାୟପତିମାନଙ୍କର ଏକ ଆଲୋଚନା ବହନ କରୁଥିବା ସନ୍ଦେଶ ବିରୁଦ୍ଧରେ ତାଙ୍କର ବିଶେଷ ଜ୍ଞାନ ଓ ଅନୁଭୂତିଭିତ୍ତିକ ପ୍ରତିକ୍ରିୟା । ସେଇ ବ୍ୟବସାୟୀ ଗୋଷ୍ଠୀର ଆଲୋଚନାର ବିଷୟବସ୍ତୁ ଥିଲା- ମଦ୍ୟପାନ । ସେମାନଙ୍କ ଆଲୋଚନାର ସାରମର୍ମ ହେଲା, ସୀମିତ ମାତ୍ରାରେ ମଦ୍ୟପାନ ହେଉଛି ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଶେଷରେ ମଦ୍ୟପାନକାରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଉପଦେଶ ହେଲା- ଦାୟିତ୍ୱପୂର୍ଣ୍ଣ ଭାବରେ ପାନ କର । ଡକ୍ଟର ସିରିଆକ୍ ଫିଲିପ୍‌ସ ଏହାର ପ୍ରତିକ୍ରିୟାରେ ସିଧାସଳଖ କହିଛନ୍ତି ଯେ ସୀମିତ ମାତ୍ରାରେ ମଦ୍ୟପାନକୁ ସ୍ୱାସ୍ଥ୍ୟପ୍ରଦ ବୋଲି ପ୍ରଚାର କରିବା ହେଉଛି ଏକ ଅପରାଧ; ମାନବଜାତି ପ୍ରତି ଏକ ଅପରାଧ । ଡକ୍ଟର ଫିଲିପ୍‌ସ ତାଙ୍କର ସୋସିଆଲ୍ ମିଡିଆ ହାଣ୍ଡଲ ସୂଚାଇବା ଭଳି ହେଉଛନ୍ତି ଜଣେ ଅନୁଭୂତିସଂପନ୍ନ ଲିଭର୍ ରୋଗ ବିଶେଷଜ୍ଞ । ସେ ପ୍ରତିଦିନ ଅନେକ ସଂଖ୍ୟକ ମଦ୍ୟପାନଜନିତ ଲିଭର୍ ବ୍ୟାଧିସବୁ ଦ୍ୱାରା ପୀଡ଼ିତ ରୋଗୀମାନଙ୍କର ଚିକିତ୍ସା କରିଥାନ୍ତି । କେରଳରେ ମଦ୍ୟପାନ ଏକ ବ୍ୟାପକ ସାମାଜିକ ବ୍ୟାଧି ହୋଇଥିବାରୁ ଡକ୍ଟର ଫିଲିପ୍‌ସଙ୍କ ପାଖରେ ସର୍ବଦା ଏଭଳି ରୋଗୀମାନଙ୍କର ଭିଡ଼ ଲାଗିରହିଥାଏ । ସେ ତାଙ୍କର ଏହି ପୋଷ୍ଟରେ ମଦ୍ୟପାନ ଯୋଗୁଁ ଜୀବନ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ରୋଗୀମାନଙ୍କ ସହିତ ତାଙ୍କର ଅନୁଭୂତି ସବୁ ବର୍ଣ୍ଣନା କରିଛନ୍ତି । ଏଥିରେ ସେ ମଧ୍ୟ ମଦ୍ୟପାନର କୁଫଳ ସହିତ ମୁକାବିଲା କରିବାରେ ଧନୀ ଓ ଗରିବ ମଦ୍ୟପ ମଧ୍ୟରେ ପରିଦୃଷ୍ଟ ତଫାତ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ଧନୀ ରୋଗୀମାନେ ବ୍ୟୟବହୁଳ ଚିକିତ୍ସା ଓ ଯତ୍ନ ପାଇ ପାରୁଥିବାବେଳେ ଗରିବ ରୋଗୀଟିଏ ଦୁର୍ବିଷହ ଯନ୍ତ୍ରଣାରେ ଆଉଟୁପାଉଟୁ ହେବା ବ୍ୟତୀତ ତା'ର ଅନ୍ୟ ଉପାୟ ନ ଥାଏ । ଡକ୍ଟର ସିରିଆକ୍ ଫିଲିପ୍‌ସ ନିଜର ମର୍ମବେଦନା ପ୍ରକାଶ କରି ଲେଖିଛନ୍ତି ତାଙ୍କୁ କିପରି ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଦିବସରେ ମଦ୍ୟପାନଜନିତ ତୀବ୍ର (ଆକ୍ୟୁଟ୍) ଯକୃତ ବ୍ୟାଧି, ଦୀର୍ଘସ୍ଥାୟୀ (କ୍ରୋନିକ୍) ଯକୃତ ବ୍ୟାଧି ଏବଂ ଦୀର୍ଘସ୍ଥାୟୀ ସହିତ ତୀବ୍ର (ଆକ୍ୟୁଟ୍-ଅନ୍-କ୍ରୋନିକ୍) ଲିଭର୍ ବ୍ୟାଧି ଦ୍ୱାରା ପୀଡ଼ିତ ରୋଗୀମାନଙ୍କର ଅସରନ୍ତି ଧାଡ଼ିର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହାକୁ ସେ ଏକ ଅବିରାମ ସଂଗ୍ରାମ ରୂପେ ଅଭିହିତ କରିଛନ୍ତି । ମଦ୍ୟପାନଜନିତ ସ୍ୱାସ୍ଥ୍ୟ ସଂକଟ କିପରି ସଂପୃକ୍ତ ପରିବାର ପାଇଁ ଏକ ଅସହ୍ୟ ଆର୍ଥିକ ତଥା ଆବେଗିକ ବୋଝ ସୃଷ୍ଟି କରିଥାଏ, 'ଦି ଲିଭର ଡକ୍' ତାଙ୍କର ପୋଷ୍ଟରେ ତାହାର ମର୍ମସ୍ପର୍ଶୀ ବର୍ଣ୍ଣନା କରିଛନ୍ତି । ସେ ସେଥିରେ ଲେଖିଛନ୍ତି ରୋଗୀ ଜଣକ ଶେଷରେ ଯାଇ ପଟିଂଛନ୍ତି ଭେଟିଂଲେଟରରେ ଯେଉଁଠୁ ଆଉ ଜୀବନ୍ତ ଫେରିବାର ସମ୍ଭାବନା ନ ଥାଏ ଓ ସେତେବେଳକୁ ତାଙ୍କ ପରିବାର ଆର୍ଥିକ ଦୃଷ୍ଟିରୁ ସର୍ବସ୍ୱାନ୍ତ ହୋଇସାରିଥାଏ । ତୀବ୍ର ମର୍ମବେଦନା ସହକାରେ ଡକ୍ଟର ଫିଲିପ୍‌ସ ଏ କଥା ମନେ ପକାଇ ଦେଇଛନ୍ତି ଯେ ଏମିତିରେ ମଦ୍ୟପାନ ଅଭ୍ୟାସ ଯୋଗୁଁ ପୂର୍ବରୁ ସେ ପରିବାରର ଆର୍ଥିକ ସ୍ଥିତି ସାଧାରଣତଃ ଭୁଶୁଡ଼ି ପଡ଼ିଥାଏ । ଉପରୋକ୍ତ ବ୍ୟବସାୟୀ ଗୋଷ୍ଠୀର ଯେଉଁ ଶଠତାପୂର୍ଣ୍ଣ ଉପଦେଶକୁ ଡକ୍ଟର ଫିଲିପ୍‌ସ ତୀବ୍ର ଭର୍ତ୍ସନା କରିଛନ୍ତି ତାହା ହେଲା: ''ଦାୟିତ୍ୱପୂର୍ଣ୍ଣ ଭାବରେ ପାନ କର'' । ସେ ସମସ୍ତଙ୍କୁ ଚେତାଇ ଦେଇଛନ୍ତି ଯେ ଏଭଳି ଉପଦେଶ ହେଉଛି ଦାୟିତ୍ୱ ଏଡ଼ାଇଯିବା ପାଇଁ ମଦ ଶିଳ୍ପ ବ୍ୟବହାର କରୁଥିବା ଏକ ଚତୁର କୌଶଳ । ସେ ଯୁକ୍ତି କରିଛନ୍ତି ଯେ ଯେଉଁମାନେ ମଦ୍ୟପାନ ଆରମ୍ଭ କରନ୍ତି ସେମାନେ ଅବିଳମ୍ବେ ନିଜର ପିଇବା ଉପରେ ନିୟନ୍ତ୍ରଣ ହରାଇ ବସନ୍ତି ଏବଂ ଦେଖୁଦେଖୁ ମଦ ଉପରେ ନିର୍ଭରଶୀଳ ହୋଇପଡ଼ନ୍ତି ଓ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇପଡ଼ନ୍ତି । ତାଙ୍କ ଭାଷାରେ, ''ପ୍ରଥମ ଡ୍ରିଂକ୍‌ଟି ତୁମର ମସ୍ତିଷ୍କକୁ ଦଖଲ କରେ । ଏହା ମସ୍ତିଷ୍କର ଧାରଣ କ୍ଷମତାକୁ ସଂକୁଚିତ କରେ, ତୁମକୁ ଏକ ଡୋପାମିନ୍ କିକ୍ ଦିଏ, ତୁମକୁ ଉଲ୍ଲସିତ କରେ । ଏବଂ ପରବର୍ତୀ ସମୟରେ ତୁମେ ମଦର ଦାସରେ ପରିଣତ ହୋଇଯାଅ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com/ utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ସମ୍ବଲପୁରୀ ଦିନେ ବେଲପାହାଡ଼ରେ ଝଲସିଲା 'ପ୍ରତିଭା ସିଜିନ-୨'

## କଳାକାରଙ୍କୁ ସମ୍ବର୍ଦ୍ଧନା ଓ ବିଜେତାଙ୍କୁ ପୁରସ୍କାର

ଝାରସୁଗୁଡା,୪/୮(ନି/ପ୍ର):ସମ୍ବଲପୁରୀ ଦିନ୍ ପାଳନ ଅବସରରେ ବେଲପାହାଡ଼ ସମ୍ବଲପୁରୀଆ ୟୁଥ୍ ଆସୋସିଏସନ ପକ୍ଷରୁ ମିରର ଥିଏଟର ମଂଚରେ 'ପ୍ରତିଭା ସିଜିନ-୨' କାର୍ଯ୍ୟକ୍ରମ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ମାଆ ମାଣିକେଶ୍ୱରୀ ଓ ମାଆ ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ସହ ବିଶିଷ୍ଟ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହା ପୂର୍ବରୁ ଶୁକ୍ରବାର ସନ୍ଧ୍ୟାରେ ଗୁମାଡେରା ଗୌରୀଶଙ୍କର ମନ୍ଦିରରୁ ଏକ ବିଶାଳ ସମ୍ବଲପୁରୀଆ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଆୟୋଜିତ ସାଂସ୍କୃତିକ ଆସରରେ ରାଜ୍ୟର ବିଭିନ୍ନ ଅଂଚଳରୁ ଯୋଗଦେଇଥିବା କଳାକାର ଓ କଳାଦଳ ଗୀତ, ନୃତ୍ୟ ଏବଂ ଲୋକ ସଂସ୍କୃତିଭିତ୍ତିକ ଆକର୍ଷଣୀୟ ପରିବେଷଣ କରିଥିଲେ। ହଜାର ହଜାର ଦର୍ଶକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି ଅବସରରେ ଅଭିନୟ, ଗାୟନ, ସଙ୍ଗୀତ ନିର୍ଦ୍ଦେଶନା, ଫଟୋଗ୍ରାଫି, ନୃତ୍ୟ ନିର୍ଦ୍ଦେଶନା ସମେତ ମୋଟ ୯ଟି ବର୍ଗରେ ଅନଲାଇନ୍ ଭୋଟିଂ ମାଧ୍ୟମରେ ମନୋନୀତ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସମ୍ବଲପୁରୀ ପୋଷାକ ପରିଧାନ, ଭାଷା, ଗୀତ ଓ ନୃତ୍ୟକୁ ପ୍ରୋତ୍ସାହନ ଦେବା ସହ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମ୍ବଲପୁରୀଆ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଝାରସୁଗୁଡ଼ାର ଚଳଚ୍ଚିତ୍ର ପ୍ରଯୋଜକ ପ୍ରତାପ ବେହେରା, ମିରର ଥିଏଟରର ନିର୍ଦ୍ଦେଶକ ଡଃ ସୁବାସ ଚନ୍ଦ୍ର ପ୍ରଧାନ, ଟିଆରଏଲ କ୍ରୋସାକି ହସ୍ପିଟାଲର ଡା. ସୁଶାନ୍ତ ଜଗଦଳା ଏବଂ ଯୁବନେତା ପୁରୁଷୋତ୍ତମ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆୟୋଜନକୁ ସଫଳ କରିବାରେ ବେଲପାହାଡ଼ ସମ୍ବଲପୁରୀଆ ୟୁଥ୍ ଆସୋସିଏସନର ଦୀନେଶ କରାଲି, ଆୟୁଷି ଜୟସ୍ୱାଲ, ଦୀପକ ମାଝୀ, ସାବନ ଦାସ, ସୌଭାଗ୍ୟ ରଞ୍ଜନ ସାହୁ, ସୋନି ତନ୍ତୀ, ସୀତାରାମ ମେହେର, ହିମାଂଶୁ କରାଲୀ, ପ୍ରଭାସିନୀ ଚାନ୍ଦ ଓ ନିଶା ଶର୍ମାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରତୀକ୍ଷା ରାଣୀ ତ୍ରିପାଠୀ, ଅମନ ମହାନ୍ତି, ପୁଷ୍ପାଞ୍ଜଳି ସାହୁ, ତ୍ରିବେଦ କୁମାର ମହାନନ୍ଦ, ହରିଶ ଭୋଇ ଓ ସୋନାଲିକା ବେହେରା କାର୍ଯ୍ୟକ୍ରମର ମଂଚ ସଂଚାଳନ କରିଥିଲେ।

# ବିଧାୟକଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ



ଝାରସୁଗୁଡା,୪/୮(ନି/ପ୍ର): ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଆଜି ନିର୍ବାଚନ ମଣ୍ଡଳୀର ଲଇକେରା ଓ କିର୍ମିରା ବ୍ଲକ ଗସ୍ତ କରି ବହୁଗୁଡ଼ିଏ ରାସ୍ତାର ଭିନ୍ନିପ୍ରସ୍ତର ସ୍ଥାପନ କରିଛନ୍ତି ଓ ବିଧାୟକ ତ୍ରିପାଠୀ ଲଇକେରା ବ୍ଲକର ଗଞ୍ଜୁଡ଼ିହି ଠାରୁ ନୂଆଡ଼ିହି ଭାୟା ଦର୍ଘ ପଡା ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ, ନାୟକ ବନ୍ଧପାଲି ସ୍ଥିତ ଫୁଲକୋବି ଛକ ଠାରୁ ହାତୀଆନାଲା ଡ୍ୟାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହ ଲଇକେରା କଲେଜ ଛକ ଠାରୁ ଭାୟା ଆରଡ଼ି ରାସ୍ତା ଦେଇ ପାନପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ର ଶୁଭ ଦେଇଛନ୍ତି ଓ ଠିକ ସେହିପରି କିର୍ମିରା ବ୍ଲକର ହଣ୍ଡାତୁପା ରୁ ଖରିଆକାନୀ ରାସ୍ତା, ଭଉରା ଆରଡ଼ି ରାସ୍ତାରୁ ଲୁହୁରପଡା ପର୍ଯ୍ୟନ୍ତ ଏବଂ କିର୍ମିରା ପାୱାର ଗ୍ରୀଡ୍ ଠାରୁ ନକ୍ସାପାଲି ଭାୟା ମାଲୁପଡା ଓ ସୋମାପଡା ପର୍ଯ୍ୟନ୍ତ ରାସ୍ତାର ଭିନ୍ନିପ୍ରସ୍ତର ସ୍ଥାପନ କରିଛନ୍ତି ଓ ଏହି ଅବସରରେ ବିଧାୟକ ତ୍ରିପାଠୀ ଗ୍ରାମାଂଚଳ ରେ ଉନ୍ନତ ରାସ୍ତା ଓ ସୁଦୃଢ଼ ଯୋଗାଯୋଗ ବ୍ୟବସ୍ଥା ଯୋଗୁଁ ଅଂଚଳବାସୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ ଓ ଯାହାଫଳରେ ଅଂଚଳର ବିକାଶ ହେବ ଓ ଏହାସହ ଏହି ପ୍ରକଳ୍ପ ମାଧ୍ୟମରେ ଅଂଚଳବାସୀଙ୍କ ଯାତାୟାତ ସୁବିଧା ବଢ଼ିବା ସହିତ ସ୍ଥାନୀୟ ବିକାଶକୁ ମଧ୍ୟ ନୂତନ ଗତି ମିଳିବ ବୋଲି ମତ ଦେଇଥିଲେ ଓ ଅନୁଷ୍ଠିତ ଏହି ଭିନ୍ନିପ୍ରସ୍ତର କାର୍ଯ୍ୟକ୍ରମ ରେ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଲେଙ୍କା, ଲାଇକେରାଓ କିର୍ମିରା ବିଡ଼ିଓ, ପାକେଲପଡା ମଣ୍ଡଳ ସଭାପତି କୁଳମଣି କିସାନ, ସାହସପୁର ସରପଂଚ ସୁକାନ୍ତି ଜୟପୁରିଆ, ଲଇକେରା ମଣ୍ଡଳ ସଭାପତି ଦ୍ୱିତୀୟା ଓରାମ, କିର୍ମିରା ମଣ୍ଡଳ ସଭାପତି ଉଦ୍ଧବ ସିଂ ନାୟକ, ବିଜୟ ଶର୍ମା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ହେବ ଅନ୍ତଃରାଜ୍ୟ ବସ୍ ଟର୍ମିନାଲ୍:

## ୪୬ଟି ବସ୍ ବେ' ସହ ରହିବ ଇଭି ଚାର୍ଜିଂ ଷ୍ଟେସନ୍



ସମ୍ବଲପୁର,୪/୮(ନି/ପ୍ର): ସମ୍ବଲପୁର ଅଇଁଠାପାଲିରେ ହେବ ଅନ୍ତଃରାଜ୍ୟ ବସ୍ ଟର୍ମିନାଲ୍ (ଆଇଏସ୍‌ବିଟି)। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ୮୦ରୁ ଶହେ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହେବାକୁ ଥିବା ଏହି ବସ୍ ଟର୍ମିନାଲ୍‌ରେ ରହିବ ସମସ୍ତ ଅତ୍ୟାଧୁନିକ ସୁବିଧା, ୪୬ଟି ବସ୍ ବେ', ଇଭି ଚାର୍ଜିଂ ଷ୍ଟେସନ୍ ଓ ପ୍ଲାଟଫର୍ମ। ଏଥିପାଇଁ ବର୍ତ୍ତମାନର ଅଇଁଠାପାଲି ବସ୍ ଟର୍ମିନାଲ୍‌କୁ ଭଙ୍ଗାଯିବା ସହ ଅତିରିକ୍ତ ଜମି ଅଧିଗ୍ରହଣ କରାଯିବ। ଆଜି ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅତିରିକ୍ତ ସଚିବ ସଞ୍ଜୟ କୁମାର ବିଶ୍ୱାଳ ସମ୍ବଲପୁର ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସମୀକ୍ଷା ସମୟରେ ମୁଦିପଡ଼ାସ୍ଥିତ ଓଏସ୍‌ଆରଟିସିର ଡିପୋକୁ ମଧ୍ୟ ବସ୍‌ଷ୍ଟାଣ୍ଡ ଭାବେ ଉନ୍ନତି କରାଯିବା ନେଇ ଆଲୋଚନା ହୋଇଛି। ଏଠାରେ ମାର୍କେଟ୍ କମ୍ପ୍ଲେକ୍ସ ସାଙ୍ଗକୁ ବସ୍‌ଷ୍ଟାଣ୍ଡର ବିକାଶ କରାଯିବ। ଯାହାଫଳରେ ସହରରେ ଚାଲୁଥିବା କ୍ରୁଟ୍‌ର ସମସ୍ତ ଇଭି ସିଟିବସ୍ ଏହି ବସଷ୍ଟାଣ୍ଡରୁ ହିଁ ପରିଚାଳିତ ହେବ। ଲକ୍ଷ୍ମୀ ଟକିଜ୍ ଛକସ୍ଥିତ ସରକାରୀ ବସଷ୍ଟାଣ୍ଡରେ ନିର୍ମାଣ ହେବ କମର୍ସିଆଲ କମ୍ପ୍ଲେକ୍ସ। ଏହା ପରେ ଅଧିକାରୀମାନେ ଅଇଁଠାପାଲି ବସ୍ ଟର୍ମିନାଲ୍ ପରିଦର୍ଶନ କରିଥିଲେ, ଯେଉଁଠି ୫ ଏକର ପରିମିତ ସ୍ଥାନରେ ଏହି ନୂତନ ବସ୍ ଟର୍ମିନାଲ୍ ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଅଇଁଠାପାଲି ଅନ୍ତଃରାଜ୍ୟ ବସ୍ ଟର୍ମିନାଲ୍‌ରେ ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷାଳୟ, ବିଶ୍ରାମସ୍ଥାନ ଓ କମର୍ସିଆଲ୍ କମ୍ପ୍ଲେକ୍ସ ସାଙ୍ଗକୁ ଆବଶ୍ୟକ ଆଧୁନିକ ସୁବିଧା କରାଯିବ। ଦୁଇଚକିଆ, ଚାରିଚକିଆ ଗାଡ଼ିଗୁଡ଼ିକରେ ଆସୁଥିବା ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ସୁବିଧା ସାଙ୍ଗକୁ ବସ୍‌ଗୁଡ଼ିକର ରହଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଏବେ ଅଇଁଠାପାଲି ବସ୍ ଟର୍ମିନାଲ୍‌ରେ କ୍ରୁଟ୍‌ର ୭୫ଟି ଯାକ ସିଟି ବସ୍ ରାତିରେ ପ୍ରବେଶ କଲେ ଆଉ କୌଣସି ବଡ଼ ଗାଡ଼ି ପଶିବା ସମ୍ଭବ ହେଉନି। ତେଣୁ ନୂତନ ପ୍ରକଳ୍ପ ଦ୍ୱାରା ସମ୍ବଲପୁରର ଆଂଚଳିକ ଓ ଅନ୍ତଃରାଜ୍ୟ ବସ୍ ଯୋଗାଯୋଗ ସୁଦୃଢ଼ ହେବା ସହ ଯାତ୍ରୀମାନଙ୍କୁ ଉନ୍ନତ ଏବଂ ସୁବିଧାଜନକ ପରିବହନ ସେବା ମିଳିବ ବୋଲି ଜଣାପଡ଼ିଛି। ଏହି ପରିଦର୍ଶନ ସମୟରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ୍ ଖତ୍ରୀ, ସଦର ଉପଜିଲ୍ଲାପାଳ ଡ.ପୁଷ୍ପାଞ୍ଜଳି ପଣ୍ଡା ଏବଂ ଆଂଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ଉପସ୍ଥିତ ଥିଲେ।

## ନିର୍ମାଣାଧୀନ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଝାରସୁଗୁଡ଼ା,୪/୮(ନି/ପ୍ର): ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଧରସାଡ଼ିପା ଏକତାଲି ଗ୍ରାମରେ ଜଣେ ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଧରସାଡ଼ିପାରେ ଥିବା ରବି ଶଙ୍କର ଗୁପ୍ତା (୪୧)ଙ୍କର ଏକ ନିର୍ମାଣାଧୀନ ଘର ଭିତରୁ ଜଣେ ଅଜଣା ପୁରୁଷଙ୍କ ମୃତଦେହ ଫିତା ସାହାଯ୍ୟରେ ଫାସି ଲଗାଇଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ମୃତକଙ୍କ ନାମ ଓ ପରିଚୟ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହା ହତ୍ୟା ନା ଆତ୍ମହତ୍ୟା, ସେନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

# ଗଙ୍ଗାଧର ମଣ୍ଡପରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ସମ୍ବଲପୁର,୪/୮(ନି/ପ୍ର):ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗଙ୍ଗାଧର ମଣ୍ଡପଠାରେ ସମ୍ବଲପୁରୀ ଏକତା ମଂଚ ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବହୁ ସ୍ୱେଚ୍ଛାସେବୀ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଆୟୋଜକଙ୍କ ସୂଚନା ଅନୁଯାୟୀ, ସଂଗୃହୀତ ରକ୍ତ ବୁର୍ଲା ରକ୍ତଭଣ୍ଡାର ଓ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରକୁ ପଠାଯିବ। ଏହି ଅବସରରେ ସମ୍ବଲପୁରୀ ଏକତା ମଂଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଭଦ୍ରକ ଜିଲାର ବନ୍ୟା ପରିସ୍ଥିତିର ସୁଧାର ଆସୁଛି

## ଜିଲାର ୪ ଲକ୍ଷ ୭୮ ହଜାର ୪୪୪ ଜଣ ଲୋକ ପ୍ରଭାବିତ

ଭଦ୍ରକ,୪/୮(ନି/ପ୍ର): ଗତ ଜୁଲାଇ ମାସ ମୌସୁମୀ ବର୍ଷା ସମୟରେ ଭଦ୍ରକ ଜିଲା ବନ୍ୟା ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ଏବେ ବୈତରଣୀ ଓ ସାଳନ୍ଦୀ ନଦୀର ଜଳସ୍ତର ସତର୍କତା ସ୍ତରରୁ ତଳକୁ ଖସିଆସିଥିବାରୁ ଜିଲାର ବନ୍ୟା ପରିସ୍ଥିତି କ୍ରମଶଃ ସୁଧୁରୁଛି। ତଥାପି ପ୍ରଭାବିତ ଅଂଚଳରେ ସ୍ୱାଭାବିକ ଜନଜୀବନର ଶୀଘ୍ର ପୁନଃ ସ୍ଥାପନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ରିଲିଫ୍, ପୁନରୁଦ୍ଧାର ଏବଂ ପୁନର୍ବାସ କାର୍ଯ୍ୟକ୍ରମକୁ ପ୍ରାଥମିକତା ଭିତିରେ ଜାରି ରଖାଯାଇଛି। ତେବେ ଆଜି ସନ୍ଧ୍ୟାରେ ଭଦ୍ରକର ନୂତନ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ତାଙ୍କ ସମ୍ମିଳନୀ କକ୍ଷରେ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ପ୍ରଶାସନ ପକ୍ଷରୁ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁସାରେ ଏହି ବନ୍ୟା ଦ୍ୱାରା ୬ଟି ବ୍ଲକ୍, ୩ଟି ସହରାଂଚଳ, ୧୧୧ ଟି ଗ୍ରାମଂପଚାୟତରେ (ବର୍ତମାନ ୨୪ଟି), ୩୧ ଟି ୱାର୍ଡ ଓ ୪୨୪ ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରାୟ ୪ ଲକ୍ଷ ୭୮ ହଜାର ୪୪୪ ଜଣ ଲୋକ ଏହି ବନ୍ୟାଦ୍ୱାରା ପ୍ରଭାବିତ ହୋଇଥିବାବେଳେ ସତର୍କତା ମୂଳକ ପଦକ୍ଷେପ ଯୋଗୁଁ ୨ ଲକ୍ଷ ୯ ହଜାର ୩୨୮ ଜଣଙ୍କୁ ସୁରକ୍ଷିତ ଭାବେ ୩୪୬ ଆଶ୍ରୟସ୍ଥଳ ଓ ଅନ୍ୟାନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଏହି ବନ୍ୟାରେ ୧୦୭ ଟି ଘର କ୍ଷତିଗ୍ରସ୍ତ ହୋଇଛି। କୌଣସି ମାନବ କିମ୍ବା ପଶୁଧନର ମୃତ୍ୟୁ ଘଟିନାହିଁ। ପ୍ରାୟ ୧ ଲକ୍ଷ ୨୭ ହଜାର ୮୦୭ ଟି ପଶୁଧନ ପ୍ରଭାବିତ ହୋଇଥିବାବେଳେ ଫସଲ କ୍ଷୟକ୍ଷତିର ଆକଳନ କାର୍ଯ୍ୟ ଏବେ ଚାଲିଛି। ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୩୪୬ ଟି ମାଗଣା ରନ୍ଧନଶାଳା ଏବଂ ୩୪୬ ଟି ରିଲିଫ୍ କ୍ୟାମ୍ପ ପରିଚାଳନା କରାଯାଇଛି। ଏହି ରିଲିଫ୍ ସାମଗ୍ରୀ ମଧ୍ୟରେ ୮୫୨.୪୮ କ୍ୱିଂଟାଲ ଚୁଡା, ୧୧୨.୪୧ କ୍ୱିଂଟାଲ ଗୁଡ, ୧ ଲକ୍ଷ ୫ ଶହ ବୋତଲ ପାନୀୟ ଜଳ, ୩୬ ହଜାର ୬ ଶହ ପାଣି ପାଉଚ, ୮୫୦ ଟି ପଲିଥିନ ସିଟ୍, ୨୩୮ ମେଟ୍ରିକ୍ ଟନ୍ ପଶୁଖାଦ୍ୟ, ୧.୬୫ କ୍ୱିଂଟାଲ ଶୁଖିଲା ପଶୁ ଖାଦ୍ୟ, ୫୧୯ ଟି ପଶୁଧନକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରଭାବିତ ଅଂଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ୧୪ଟି ମେଡିକାଲ ଟିମ୍ ଏବଂ ୭ଟି ଭେଟେରିନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ୭୮ ଜଣ ଅଜଣା ଜୀବ କାମୁଡାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ସେବା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୩୬ ଟି ସାପ କାମୁଡା ଘଟଣା ରହିଛି। ୧୩ ଜଣ ସାପ କାମୁଡା ପୀଡିତଙ୍କୁ ଆଂଟି ସ୍ନେକ୍ ଭେନମ୍ ପ୍ରଦାନ କରାଯାଇଛି। ସେହିଭଳି ଉଦ୍ଧାର ଓ ଜରୁରୀକାଳୀନ ପ୍ରକ୍ରିୟା ସଫଳତାର ସହ କରାଯାଇଥିବାବେଳେ ଏଥିରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନଡିଆରଏଫ) ର ୩ଟି ଟିମ୍, ଓଡ଼ିଶା ବିପର୍ଯ୍ୟୟ ତ୍ୱରିତ୍ୱ କାର୍ଯ୍ୟବାହିନୀ (ଓଡ୍ରାଫ୍) ର ୭ଟି ଟିମ୍, ଓଡ଼ିଶା ଅଗ୍ନିଶମ ଓ ଜରୁରୀ ସେବା ବାହିନୀ, ଜିଲା ପ୍ରଶାସନ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଏହି ଉଦ୍ଧାର କାର୍ଯ୍ୟରେ ୬୬ ଜଣ ଅସୁସ୍ଥ ବ୍ୟକ୍ତି, ୨୪ ଜଣ ଶିଶୁ, ୨୭ ଜଣ ସାପ କାମୁଡା ପୀଡିତ, ୫୧ ଜଣ ଗର୍ଭବତୀ ମହିଳା ଏବଂ ୨୬ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରି ନିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକୀୟ ସେବାର ପୁନଃ ସ୍ଥାପନ ନିମନ୍ତେ ରାସ୍ତାଘାଟ ବିଦ୍ୟୁତ୍ ସରବରାହ, ପାନୀୟଜଳ, ପରିମଳ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଜନସାଧାରଣଙ୍କ ପାଇଁ ଆବଶ୍ୟକ ଭିତିଭୂମି ସେବାର ପୁନଃ ସ୍ଥାପନ କାର୍ଯ୍ୟକୁ ପ୍ରାଥମିକତାର ସହ କରାଯାଉଛି। ଏବେ ବୈତରଣୀ ଓ ସାଳନ୍ଦୀ ନଦୀର ଜଳସ୍ତର ବିପଦ ସଂକେତ ତଳେ ରହିଥିବାରୁ ବନ୍ୟା ପରିସ୍ଥିତି କ୍ରମଶଃ ସ୍ୱାଭାବିକ ଅବସ୍ଥାକୁ ଫେରୁଛି। ତେବେ ପରିସ୍ଥିତି ଉପରେ ଜିଲାପାଳଙ୍କ ପ୍ରକୋଷ୍ଠରେ ଖୋଲାଯାଇଥିବା ୨୪ ଘଂଟିଆ କଂଟ୍ରୋଲ ରୁମ୍ ଖୋଲାଯାଇ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇ ଯେକୌଣସି ଉଦ୍ଭବ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗ ସତର୍କତା ଅବସ୍ଥାରେ ରହିଛନ୍ତି। ଜିଲାପାଳ ଓ ଜିଲା ଦଣ୍ଡାଧିକାରୀଙ୍କ ଗତିଶୀଳ ନେତୃତ୍ୱରେ ସମସ୍ତ ବିଭାଗ, ଜରୁରୀକାଳୀନ ପ୍ରତିକ୍ରିୟାକାରୀ ସଂସ୍ଥା ତଥା ସ୍ଥାନୀୟ ପ୍ରଶାସନର ସମନ୍ୱିତ ଉଦ୍ୟମରେ ଉଦ୍ଧାର, ରିଲିଫ୍, ପୁନରୁଦ୍ଧାର ଓ ପୁନର୍ବାସ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି।

## ହାତୀ ଆକ୍ରମଣ ରେ ବୃଦ୍ଧାଙ୍କ ମୃତ୍ୟୁ

କୋଇଡା,୪/୮(ନି/ପ୍ର) ବାରସୁଆଁ ବନାଂଚଳ ଅଧିନସ୍ଥ ଡେଙ୍ଗୁଳା ସେକ୍ସନର କୋଇଡା ଉପ ମାର୍ଗ ନିକଟରେ ୭୦ ବର୍ଷ ବୟସ୍କା ସମ୍ବାରି ମୁଣ୍ଡାଙ୍କ ହାତୀ ଆକ୍ରମଣ ରେ ମୃତ୍ୟୁ ଘଟିଛି ।ମିଳିଥିବା ସୂଚନା ଅନୁଯାଇ ଶୁକ୍ରବାର ବିଳମ୍ବିତ ରାତି ରେ ବୃଦ୍ଧା ଜଣକ ହାତୀ ଆସିଥିବା ର ସୂଚନା ପାଇବା ପରେ ନିଜ ଜୀବନ ବଚାଂଇବା ପାଇଁ ଘରୁ ଅନ୍ୟତ୍ର ଚାଲି ଯାଉଥିବା ସମୟରେ ହାତୀ ସମ୍ମୁଖରେ ପଡି ଯାଇଥିଲେ । ହାତୀ ଟି ଶୁଣ୍ଢ ସାହାଯ୍ୟ ବୃଦ୍ଧା ଜଣଙ୍କୁ କଚାଡି ଦେବା ଫଳରେ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ଓ ସୌଭାଗ୍ୟ ବଶତଃ ମୃତକ ବୃଦ୍ଧାଙ୍କ ଝିଅ ବାଲମା ମୁଣ୍ଡା (୩୦)ଏବଂ ନାତୁଣୀ ପୂଜା ମୁଣ୍ଡା(୫) କୌଣସି ମତେ ହାତୀ କବଳରୁ ଜୀବନ ବଚାଂଇବାରେ ସଫଳ ହୋଇଥିଲେ ।

## ଘର ଉପରେ ମାଡ଼ିବସିଲା ଅଶ୍ୱଥ ଗଛ, ୩ ଆହତ



ବୌଦ୍ଧ,୪/୮(ନି/ପ୍ର):ବୌଦ୍ଧ ଜିଲ୍ଲା ସରସରା ପଚାଂୟତ ଅନ୍ତର୍ଗତ ମହୁଲପାଲି ଗ୍ରାମର ଲବଣୀ ଅମାତଙ୍କ ଘର ଉପରେ ଗତକାଲି ବିଳମ୍ବିତ ରାତିରେ ଏକ ଅଶ୍ୱତ୍ଥ ଗଛ ପଡ଼ିଯାଇଥିଲା। ଆଜବେଷ୍ଟସ ଚପର ଘରଟି ଭାଙ୍ଗି ଯିବା ବେଳେ ଲବଣୀଙ୍କ ପରିବାର(୫ଜଣ) ଭିତରେ ରହି ଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରିଥିବା ବେଳେ ୩ଜଣଙ୍କୁ ଆଘାତ ଲାଗିଥିଲା। ସେମାନେ ହେଲେ ଲବଣୀଙ୍କ ପୁଅ ସଞ୍ଜୀବ, ବୋହୂ ସୁଜାତା ଏବଂ ତାଙ୍କ ଛୋଟ ପୁଅ। ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଫେରିଯାଇଥିବା ଜଣାପଡ଼ିଛି।

## ଧୁତରା-ବାଗଡିହି ରେଳ ଧାରଣା କଡ଼ରେ ଅଜଣା ଯୁବକଙ୍କ ମୃତଦେହ



ଲାଇକେର,୪/୮(ନି/ପ୍ର): ଦକ୍ଷିଣ-ପୂର୍ବ ରେଳବାଇର ଧୁତରା-ବାଗଡିହି ରେଳ ଧାରଣଶ କଡ଼ରେ ଏକ ଯୁବକଙ୍କ ମୃତଦେହକୁ ଠାବ କରାଯାଇଛି। ବର୍ନ୍ତମାନ ସୁଦ୍ଧା ଯୁବକଙ୍କ ପନ୍ତା ମିଳିପାରିନାହିଁ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଯୁବକଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଆରମ୍ଭ କରିଛି। ହାଓ୍ୱଡା-ମୁମ୍ବାଇ ମୁଖ୍ୟ ରେଳପଥର ଚକ୍ରଧରପୁର ରେଳ ଡିଭିଜନ ଅଧୀନ ଧୁତରା ଓ ବାଗଡିହି ରେଳ ଷ୍ଟେସନ ମଧ୍ୟରେ ଥିବା ପାନପାଲି ହଲ୍ଟ ନିକଟରେ ଅପ୍ ଲାଇନର ଖୁଂଟି ନଂ. ୫୦୧/୨୭-୨୯ ପାଖରେ ସୋମବାର ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁସାରେ, ରେଳ ଲାଇନର ନିୟମିତ ପେଟ୍ରୋଲିଂ କରୁଥିବା ଚାବିଦାର ଉକ୍ତ ସ୍ଥାନରେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ତୁରନ୍ତ ଧୁତରା ଷ୍ଟେସନ ମ୍ୟାନେଜରଙ୍କୁ ଖବର ଦେଇଥିଲେ। ପ୍ରାଥମିକ ଭାବେ ଯୁବକ ଜଣକ ଚଳନ୍ତା ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ଘଟଣାର ସୂଚନା ପାଇ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଚିଂ ମୃତଦେହକୁ ଜବତ କରିବା ସହ ମୃତକଙ୍କ ପରିଚୟ ଜାଣିବା ଏବଂ ଘଟଣାର ପ୍ରକୃତ କାରଣ ନେଇ ତଦନ୍ତ ଆରମ୍ଭ କରିଛି।

## ମାଲକାନଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିରି,୪/୮(ନି/ପ୍ର): ମାଲକାନଗିରି ସଦରମହକୁମା ଠାରେ ଅବସ୍ଥିତ ଜିଲ୍ଲାର ସର୍ବାପୁରାତନ ତଥା ଏକ ମାତ୍ର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି !୧୯୯୪ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଅନୁଷ୍ଠାନରେ ଦୁଷ୍ମନ୍ତ କୁମାର ଜେନା ତା୮/୪/୯୭ ରିଖ ଠାରୁ ଭାରପ୍ରାପ୍ତ ଅଧକ୍ଷ ଦାଇତ୍ୱ ତୁଲାଇ ଆସୁଥିଲେ ! ସେ ଅବସର ଗ୍ରହଣ କରିଥିବା ପରିପ୍ରେକ୍ଷୀରେ, ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀ ଜେନା ନିଜ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ଅଧ୍ୟାପିକା ଶ୍ରୀମତୀ ମଧୁମିତା ମହାନ୍ତି ଅସ୍ଥାୟୀ ଭାବେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି ! ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଓ ବିଦ୍ୟାଳୟର ପ୍ରତିଷ୍ଠାତା ଦୁର୍ଗା ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ ! ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶ୍ରୀକାନ୍ତ ସାମଲ, ଶ୍ରୀମତି ଇନ୍ଦୁରେଖା ପଟନାୟକ, ଶ୍ରୀମତୀ ଶୋଭା ଚୌଧୁରୀ ପ୍ରମୁଖ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ! ବରିଷ୍ଠ ଅଧ୍ୟାପକ ଶ୍ରୀକାନ୍ତ ସାମଲ ସଭା ପରିଚାଳନା କରିଥିଲେ !

## ଗୃହରକ୍ଷୀ ଓ ସାଥିଙ୍କୁ ମରଣାତ୍ମକ ଆକ୍ରମଣ ଘଟଣାରେ ୩ ଅଭିଯୁକ୍ତ ଗିରଫ

ଜୟପୁର,୪/୮(ନି/ପ୍ର): ଗୃହରକ୍ଷୀ ଏବଂ ତାଙ୍କ ସାଥିଙ୍କ ଉପରେ ହୋଇଥିବା ମରଣାତ୍ମକ ଛୁରାମାଡ଼ ଘଟଣାରେ ବୈପାରିଗୁଡା ପୋଲିସ ବଡ଼ ସଫଳତା ପାଇଛି। ଘଟଣାର ତଦନ୍ତ ପରେ ଆକ୍ରମଣରେ ସମ୍ପୃକ୍ତ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଗତ ୨୫ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ବୈପାରିଗୁଡା ବ୍ଲକ ଅନ୍ତର୍ଗତ ପୂଜାରୀଘୁଡା ପଂଚାୟତର ଗୁମ୍ମା ଗ୍ରାମର ଗୃହରକ୍ଷୀ ପ୍ରସାଦ ପୂଜାରୀ ଏବଂ ତାଙ୍କ ସାଥି ଅମିତ୍ କୁମାର ମାଝିଆ ଏକ ଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିବା ବେଳେ ତିନିଜଣ ଦୁର୍ବୃତ୍ତ ସେମାନଙ୍କ ଉପରେ ଛୁରୀ ଓ ଲୁହା ପାଇପ୍‌ରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ସେମାନଙ୍କୁ ପ୍ରଥମେ ବୈପାରିଗୁଡା ମେଡିକାଲକୁ ଏବଂ ପରେ ଅଧିକ ଚିକିତ୍ସା ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।




# ଏସ୍ଆଇଆର୍ ଉପରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ



ସୁନ୍ଦରଗଡ଼,୪/୮(ନି/ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର୍ ଉପରେ ଆଜି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ ସମ୍ମିଳନୀ କକ୍ଷ ଠାରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଡ଼ାକ୍ତର ଶୁଭଙ୍କର ମହାପାତ୍ର ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ଏବଂ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ତ୍ରୁଟି ମୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ , ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ମଧ୍ୟରୁ ଜୟ ନାରାୟଣ ତ୍ରିପାଠୀ, ପର୍ଶୁରାମ ସରାଫ, ରାଜେନ୍ଦ୍ର ପଟେଲ, ପ୍ରଭାତ ନନ୍ଦ, ଅରୁଣ କୁମାର ଦୀକ୍ଷିତ, ଅମିୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାରେ ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନର ଦାବି ଓ ଆପତ୍ତି ପର୍ଯ୍ୟାୟ ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା।ବୈଠକରେ ଏସ୍ଆଇଆରର ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲା। ଦାବି ଓ ଆପତ୍ତି ଦାଖଲ ଅବଧି ୦୫.୦୭.୨୬ରୁ ୧୯.୦୮.୨୬ ପର୍ଯ୍ୟନ୍ତ ରହିଛି। ସେହିଭଳି ଦାବି ଓ ଆପତ୍ତିର ନୋଟିସ୍ ଏବଂ ନିଷ୍ପତ୍ତି ସମୟ ୦୫.୦୭.୨୬ରୁ ୧୭.୦୯.୨୬ ପର୍ଯ୍ୟନ୍ତ ରହିଛି ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶର ତାରିଖ ହେଉଛି ୨୧.୦୯.୨୬। ଏହି ଅବସରରେ ଅତିରିକ୍ତ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ ସମସ୍ତ ରାଜନୈତିକ ଦଳଙ୍କୁ ସଂଶୋଧିତ ସମୟ ସୀମାକୁ ଧ୍ୟାନରେ ରଖି ସଂଶୋଧନ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବା ପାଇଁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ସେହିଭଳି ବୈଠକରେ ଦାବି ଓ ଆପତ୍ତି ସମ୍ପର୍କରେ ସୂଚନା ଦିଆଯାଇଥିଲା ଯେ, ସମସ୍ତ ସାତଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ରଜଙ) ୦୨.୦୮.୨୬ ତାରିଖ ପର୍ଯ୍ୟନ୍ତ ପ୍ରାପ୍ତ ଦାବି ଓ ଆପତ୍ତି ଗୁଡ଼ିକର ତାଲିକା ନିର୍ଦ୍ଧାରିତ ଫର୍ମ–୯, ୧୦, ୧୧, ୧୧ଇ ଏବଂ ୧୧ଈ ରେ ପ୍ରସ୍ତୁତ କରିସାରିଛନ୍ତି ଏବଂ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ପ୍ରକାଶ କରିଛନ୍ତି। ବୈଠକରେ ଉପସ୍ଥିତ ରାଜନୈତିକ ଦଳମାନଙ୍କ ପ୍ରତିନିଧିଙ୍କୁ ମଧ୍ୟ ଏହି ଦାବି ଓ ଆପତ୍ତିର ତାଲିକା ପ୍ରଦାନ କରାଯାଇଥିଲା। ଅତିରିକ୍ତ ନିର୍ବାଚନ ଅଧିକାରୀ ଶ୍ରୀ ପଟ୍ଟନାୟକ ସମସ୍ତ ଅତିରିକ୍ତ ପଞ୍ଜୀକରଣ ଅଧିକାରୀ (ରଜଙ)ଙ୍କୁ ପ୍ରତି ସପ୍ତାହରେ ରାଜନୈତିକ ଦଳମାନଙ୍କ ସହ ଦାବି ଓ ଆପତ୍ତିର ତାଲିକା ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଫର୍ମ–୬, ୭ ଓ ୮ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ବିସ୍ତୃତ ଭାବେ ସୂଚନା ପ୍ରଦାନ କରାଯାଇଥିଲା। ଫର୍ମ–୬, ଫର୍ମ–୭ ଓ ଫର୍ମ–୮ର ଉଦ୍ଦେଶ୍ୟ, ପ୍ରୟୋଗ କ୍ଷେତ୍ର ଏବଂ ସମ୍ବନ୍ଧିତ ବିଧାନଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଏହାସହ ସଂଶୋଧନ ପ୍ରକ୍ରିୟା ସମୟରେ ଏହି ଆବେଦନଗୁଡ଼ିକ ଦାଖଲ ଓ ନିଷ୍ପତ୍ତି ସମ୍ବନ୍ଧୀୟ ପ୍ରଚଳିତ ନିର୍ଦ୍ଦେଶାବଳୀ ବିଷୟରେ ମଧ୍ୟ ସୂଚନା ଦିଆଯାଇଥିଲା। ବୈଠକରେ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରାଯାଇଥିଲା ଯେ, ସେମାନେ ସେମାନଙ୍କ ପ୍ରତିନିଧି ଏବଂ ବୁଥ୍ସ୍ତରୀୟ ଏଜେଣ୍ଟ (ଇଖଇ)ମାନଙ୍କୁ ନିର୍ଦ୍ଧାରିତ ଫର୍ମଗୁଡ଼ିକର ସଠିକ୍ ବ୍ୟବହାର ଏବଂ ପ୍ରଚଳିତ ନିର୍ଦ୍ଦେଶାବଳୀ ପାଳନ ସମ୍ପର୍କରେ ସଚେତନ କରିବେ। ସେହିଭଳି ଲୋକ ପ୍ରତିନିଧିତ୍ୱ ଅଧିନିୟମ ୧୯୫୦ର ଧାରା–୨୪ ଅନୁଯାୟୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ରଜଙ)ଙ୍କ ନିଷ୍ପତ୍ତି ବିରୋଧରେ ଅପିଲ୍ କରିବା ପାଇଁ ଥିବା ବୈଧାନିକ ବ୍ୟବସ୍ଥା ସମ୍ପର୍କରେ ରାଜନୈତିକ ଦଳମାନଙ୍କ ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲା। ଏହା ସହ ସୂଚନା ପ୍ରଦାନ କରାଯାଇଥିଲା ଯେ, କୌଣସି ଅସନ୍ତୁଷ୍ଟ ବ୍ୟକ୍ତି ପ୍ରଥମେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରଥମ ଅପିଲ୍ କରିପାରିବେ। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ହେଲେ ପରବର୍ତ୍ତୀ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦ୍ୱିତୀୟ ଅପିଲ୍ ମଧ୍ୟ କରିପାରିବେ। ଏହି ଅବସରରେ ବୁଥ୍ ସ୍ତରୀୟ ଏଜେଣ୍ଟ (ଇଖଇ)ଙ୍କ ଭୂମିକା ଓ ଦାୟିତ୍ୱ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ରାଜନୈତିକ ଦଳ ଗୁଡ଼ିକର ପ୍ରତିନିଧିମାନଙ୍କୁ ଜିଲ୍ଲାରେ ଚାଲୁଥିବା ଏସ୍ଆଇଆର୍ ପ୍ରକ୍ରିୟାରେ ବୁଥ୍ ସ୍ତରୀୟ ଏଜେଣ୍ଟ (ଇଖଇ)ମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଅଧିକ ସଚେତନ କରାଯାଇଥିଲା। ରାଜନୈତିକ ଦଳମାନଙ୍କୁ ସେମାନଙ୍କ ବୁଥ ସ୍ତରୀୟ ଏଜେଣ୍ଟ (ଇଖଇ)ମାନେ ସକ୍ରିୟ ଏବଂ ଦାୟିତ୍ୱବୋଧ ସହିତ କାର୍ଯ୍ୟ କରନ୍ତୁ ଏବଂ ଭୋଟର ତାଲିକାର ସଠିକତା ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ଏକ ସୁସ୍ଥ, ସଠିକ୍ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରଶାସନ, ରାଜନୈତିକ ଦଳ ଏବଂ ବୁଥସ୍ତରୀୟ ଏଜେଣ୍ଟ (ଇଖଇ)ମାନଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

## ବେଆଇନ ବାଲି ଚୋରି ଅଭିଯୋଗରେ ବୀରମିତ୍ରପୁରରେ ୧୦ଟି ହାଇୱା ଟ୍ରକ୍ ଜବତ



ବୀରମିତ୍ରପୁର,୪/୮(ନି/ପ୍ର): ବେଆଇନ ଭାବେ ଜବତ୍ ବାଲିକୁ ଚୋରି ଓ ପରିବହନ ଅଭିଯୋଗରେ ଖଣି ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଏକ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ବାଲି ବୋଝେଇ ୧୦ଟି ହାଇୱା ଟ୍ରକକୁ ଜବତ କରାଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ଖଣି ଓ ରାଜସ୍ୱ ବିଭାଗ ଦ୍ୱାରା କିଛି ଦିନ ପୂର୍ବରୁ ସଲଙ୍ଗାବାହାଲରୁ ବିପୁଳ ପରିମାଣର ବେଆଇନ ଗଚ୍ଛିତ ବାଲି ଜବତ କରାଯାଇଥିଲା। ସୋମବାର ରାତିରେ, ଜବତ ବାଲିକୁ ଏକ ସନ୍ଦିଗ୍ଧ ବାଲି ମାଫିଆଙ୍କ ସଦସ୍ୟମାନେ ଉଠାଇ ଅନ୍ୟ ସ୍ଥାନକୁ ଚାଲାଣ କରୁଥିବା ଅଭିଯୋଗ ହେବା ପରେ ଏହାର ସୂଚନା ପାଇ, ରାଇବୋଗା ପୋଲିସ ସହିତ ଖଣି ଏବଂ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ନେଇ ଗଠିତ ଏକ ମିଳିତ ଦଳ ଚଢାଉ କରି ଟ୍ରକଗୁଡ଼ିକୁ ଅଟକାଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ବାଲି ବଣାଇଁ ଅଂଚଳକୁ ପରିବହନ କରାଯାଉଥିଲା। ସମ୍ପୃକ୍ତ ଲୋକଙ୍କୁ ଚିହ୍ନଟ କରିବା ପାଇଁ କର୍ତ୍ତୃପକ୍ଷ ଘଟଣାର ବିସ୍ତୃତ ତଦନ୍ତ ଆରମ୍ଭ କରିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ସୁନ୍ଦରଗଡ଼ ଜିଲ୍ଲାରେ ବେଆଇନ ବାଲି ଖନନ ଏବଂ ପରିବହନ କାର୍ଯ୍ୟକଳାପ ଚିନ୍ତାର ବିଷୟ ହୋଇ ରହିଥିବାରୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନକୁ ତୀବ୍ର କରାଯାଇଛି।

## ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ଆଇନ ସଚେତନତା ଶିବିର



ସୁନ୍ଦରଗଡ,୪/୮(ନି/ପ୍ର): ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ପ୍ରାଧୀକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ବି.ଏସ୍. ହାଇସ୍କୁଲ ଠାରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରରେ ବିଶାଖା ଏବଂ ଅନ୍ୟାନ୍ୟ ବନାମ ରାଜସ୍ଥାନ ଏବଂ ଅନ୍ୟାନ୍ୟ ରାଜ୍ୟ ବିଷୟରେ (ଓଡିଆ ଅନୁବାଦିତ ସଂସ୍କରଣ), ନାଲସାର ଆଶା, ଜାଗୃତି ଓ ଏକ ନିଶାମୁକ୍ତ ଭାରତ ପାଇଁ ଡ୍ରଗ୍ସ ସଚେତନତା ଯୋଜନା, ଯୌତୁକ ନିଷେଧ ଆଇନ, ଘରୋଇ ହିଂସା ଆଇନ୍ ଉପରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଆଇନ ସଚେତନତା ଶିବିରରେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ସଚିବ ଡକ୍ଟର ରୀନତି ମିଶ୍ର, ନ୍ୟାୟରକ୍ଷକ ସରୀତା ପଟେଲ, ଅଲିଭା ମହାପାତ୍ର, ସୁନ୍ଦରଗଡ ଟାଉନ୍ ପୋଲିସ ଷ୍ଟେସନ ଏସ୍ଆଇ ଅଝାମଣୀ ଟୁଡୁ, ଅଧିକାର ମିତ୍ର ଜୟଦେବ ଗର୍ଡିଆ, ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ଦାସ ଏବଂ ବି.ଏସ୍. ହାଇସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ତଥା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚିବ ଡକ୍ଟର ରୀନତି ମିଶ୍ର ସଚେତନତା ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନାଲସାର ଟୋଲଫ୍ରି ନମ୍ବର ୧୫୧୦୦ ତଥା ଆଇନସେବା ପ୍ରାଧିକରଣର କାର୍ଯ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା। ଶେଷରେ ନାଲସାର ଥିମ୍ ସଙ୍ଗୀତ ପରିବେଷଣ କରାଯାଇ କାର୍ଯ୍ୟକ୍ରମକୁ ସମ୍ପନ୍ନ କରାଯାଇଥିଲା।

# ଆମ ପୁଲିସର ସଚେତନତା ବୈଠକ



ରାଉରକେଲା,୪/୮(ନି/ପ୍ର): ସେକ୍ଟର-୧୯ ଥାନା ପକ୍ଷରୁ ଏକ ଏକ ସଚେତନତା ବୈଠକ ଇସ୍ପାତ ମାର୍କେଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ପ୍ରଭାରୀ ବୈଦ୍ୟନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପୁଲିସ, ଜନସାଧାରଣ ଓ ଦୋକାନୀ ଭାଇଙ୍କ ମଧ୍ୟରେ ସମନ୍ୱୟ, ସ୍ଥାନୀୟ ଅଂଚଳରେ ସୁରକ୍ଷା, ଅସାମାଜିକ ତତ୍ତ୍ୱଙ୍କ ସମ୍ପର୍କରେ ସୂଚନା, ମାର୍କେଟ ଅଂଚଳରେ ବିଭିନ୍ନ ସମସ୍ୟା, ଟ୍ରାଫିକ ସମସ୍ୟା ଓ ଟ୍ରାଫିକ ନିୟମ ପାଳନ ତଥା ଆଇନ କାନୁନ ର ବିଭିନ୍ନ ନିୟମ ସମ୍ପର୍କରେ ସୂଚନା ସହ ଭାବର ଆଦାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏଏସଆଇ ମନୋରଞ୍ଜନ ପରିଡା ଓ ଇସ୍ପାତ ମାର୍କେଟ ର ବହୁ ବ୍ୟବସାୟୀ ଭାଇ ଉପସ୍ଥିତ ରହି ନିଜ ନିଜର ମତ ରଖିବା ସହ ଥାନା ଅଂଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିବେ ବୋଲି ମତ ରଖିଥିଲେ । ବୈଠକର ସଫଳତା ପାଇଁ ଥାନା ପ୍ରଭାରୀ ଶ୍ରୀ ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରବାସୀ ଶ୍ରମିକ ସଚେତନତା ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ

ନୂଆପଡ଼ା,୪/୮(ନି/ପ୍ର): ନୂଆପଡ଼ା ବ୍ଲକ ଅନ୍ତର୍ଗତ ଆମସେନା ଗ୍ରାମ ପଂଚାୟତର ଗୁରୁକୁଳ ଆଶ୍ରମ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଗ୍ରାମ ପଂଚାୟତ ସ୍ତରୀୟ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା ଶିବିର ଏବଂ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଦ୍ୱାରିକାନାଥ ଶତପଥୀ, ନୂଆପଡ଼ା ବିଡିଓ ରୋହିତ ଭୋଇ, ତହସିଲଦାର ଲଲାଟେନ୍ଦୁ ଦଣ୍ଡସେନା, ଗୁରୁକୁଳ ଆଶ୍ରମର ପ୍ରଧାନାଚାର୍ଯ୍ୟ ଆଚାର୍ଯ୍ୟ ବ୍ରତାନନ୍ଦ ସରସ୍ୱତୀ ଏବଂ ଆମସେନା ସରପଂଚ ସବିତା ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଏବଂ ସାଧାରଣ ଜନତାଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ 'ଝିଅ ପାଇଁ ଗଛଟିଏ' ଏବଂ 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଜଣେ ନବଜାତ କନ୍ୟା ଶିଶୁକୁ କୋଳରେ ଧରି ତାହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଅଣ୍ଡାହାଲ ଗ୍ରାମର ସ୍ୱାସ୍ଥ୍ୟକର୍ମୀ ଦୁର୍ଗାପ୍ରସାଦ ସାହୁଙ୍କୁ ମିଳିଛି ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ

ମାଲକାନଗିରି,୪/୮(ନି/ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ଅଣ୍ଡାହାଲ ଗ୍ରାମର ସ୍ୱାସ୍ଥ୍ୟକର୍ମୀ ଦୁର୍ଗାପ୍ରସାଦ ସାହୁଙ୍କୁ ମିଳିଛି ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ । ଅଣ୍ଡ୍ରାହାଲ ଭଳି ଦୁର୍ଗମ ଗ୍ରାମାଂଚଳରେ ବଣ୍ଡା ଜନଜାତି ଲୋକଙ୍କୁ ୧୩ ବର୍ଷରୁ ଉର୍ଦ୍ଧ ସମୟ ଧରି ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ସହ ନିଷ୍ଠାର ସହିତ ନିଜ କର୍ତ୍ତବ୍ୟ ସମ୍ପାଦନ କରିଥିବାରୁ ଶ୍ରୀ ସାହୁଙ୍କୁ ଏହି ସମ୍ମାନଜନକ ସୁଯୋଗ ପାଇଁ ମନୋନୀତ କରାଯାଇଛି। ଆଗାମୀ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ମହାମହିମ ଦ୍ରୌପଦୀ ମୁର୍ମୁଙ୍କ ପକ୍ଷରୁ ତାଙ୍କୁ ରାଷ୍ଟ୍ରପତି ଭବନ ପରିସରରେ ସାକ୍ଷାତ୍ କରିବାକୁ ନିମନ୍ତ୍ରଣ ଦିଆଯାଇଛି । ଜଣେ ସ୍ୱାସ୍ଥ୍ୟକର୍ମୀ ଭାବେ ଦୁର୍ଗମ ଅଂଚଳର ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଂଚାଇବାରେ ତାଙ୍କର ନିଷ୍ଠା ଓ ସେବା ମନୋଭାବ ତାଙ୍କୁ ଏହି ସମ୍ମାନର ଯୋଗ୍ୟ କରିଛି ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ



ରାଉରକେଲା,୪/୮(ନି/ପ୍ର): ରାଉରକେଲାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ସଂଗଠନ ପ୍ରଗତି ଉତ୍କଳ ସଂଘ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କ୍ଲିନ୍ ଏଣ୍ଡ ଗ୍ରୀନ୍'ର ମିଳିତ ସହଯୋଗରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପ୍ରଗତି ଉତ୍କଳ ସଂଘ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପାଠାଗାର ପରିସରକୁ ସମ୍ପୂର୍ଣ୍ଣ ରୂପେ ଆବର୍ଜନା ମୁକ୍ତ କରିବା ପରେ ବିଭିନ୍ନ ପ୍ରକାର ଫଳ, ଫୁଲ ଏବଂ ଅନ୍ୟାନ୍ୟ ଉପାଦେୟ ବୃକ୍ଷ ରୋପଣ କରାଯାଇଥିଲା। ପାଠାଗାରର ସଭାପତି ପ୍ରତାପ କୁମାର ସ୍ୱାଇଁ ଏବଂ 'କ୍ଲିନ୍ ଏଣ୍ଡ ଗ୍ରୀନ୍'ର ସଭାପତି ଡା. ଦେବେନ୍ଦ୍ର କୁମାର ସେଠୀ ଓ ସମ୍ପାଦକ ପ୍ରଦୀପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟ ଅନୁଷ୍ଠାନର ସଦସ୍ୟମାନେ ଅତ୍ୟନ୍ତ ଶୃଙ୍ଖଳା ସହକାରେ ଦୀର୍ଘ ଅଢ଼େଇ ଘଣ୍ଟା ଧରି ସମ୍ପୂର୍ଣ୍ଣ ପରିସରକୁ ସଫାକରିବା ସହ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ସମାବେଶରେ ଅଧ୍ୟକ୍ଷତା କରି ପ୍ରତାପ କୁମାର ସ୍ୱାଇଁ 'କ୍ଲିନ୍ ଏଣ୍ଡ ଗ୍ରୀନ୍'ର ଏଭଳି ମହାନ ପ୍ରୟାସ ପାଇଁ ସଦସ୍ୟ ମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଦୀପ କୁମାର ଦାସ ତାଙ୍କ ଅନୁଷ୍ଠାନ ରାଉରକେଲାର ପରିବେଶ ସୁରକ୍ଷା ପାଇଁ ନିୟମିତ ରୂପେ କରିଆସୁଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପାଠାଗାରର ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ପାଠାଗାରର ଦୁଇ ଉପସଭାପତି ରଶ୍ମି ରଞ୍ଜନ ବୋଇତାଇ ଓ ଚିନ୍ମରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ସମ୍ପାଦକ ଘନଶ୍ୟାମ ଦଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ର, ବିପିନ ବିହାରୀ ପଟ୍ଟନାୟକ, ପ୍ରସନ୍ନ କୁମାର ମହାନ୍ତି, ନାରାୟଣ ଚନ୍ଦ୍ର ମହନ୍ତ, ପରୀକ୍ଷିତ ଗୁରୁ, ଇନ୍ଦ୍ରମଣି ମହାପାତ୍ର, ପ୍ରଦୀପ କୁମାର ପଟ୍ଟନାୟକ, ଧରଣୀଧର ସାମଲ, ଦୀନେଶ କୁମାର ଦାସ, ସ୍ମିତା ମିଶ୍ର,, ରଶ୍ମି ସାହୁ, ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ରଞ୍ଜନ ପଣ୍ଡା, ନଳିନୀ କାନ୍ତ ଧର, ଅଜୟ କୁମାର ପ୍ରଧାନଙ୍କ ସହ 'କ୍ଲିନ୍ ଏଣ୍ଡ ଗ୍ରୀନ୍'ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏସଏମଏସ-୨ ଦ୍ୱାରା କନଭର୍ଟରରୁ ଦୈନିକ ସର୍ବାଧିକ ୮୨ଟି ବ୍ଲୋ ଏବଂ ୧୨,୯୯୪ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନର ସର୍ବକାଳୀନ ରେକର୍ଡ



ରାଉରକେଲା,୪/୮(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ୍-୨ (ଏସଏମଏସ-୨) ଅଗଷ୍ଟ ୨ ତାରିଖରେ କନଭର୍ଟର ରୁ ୮୨ଟି ବ୍ଲୋ ଏବଂ ୧୨,୯୯୪ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରି ଉତ୍ପାଦନ କ୍ଷେତ୍ରରେ ଏକ ଅସାଧାରଣ ମାଇଲଖୁଣ୍ଟ ସ୍ଥାପନ କରିବା ସହ ଏକ ପ୍ରମୁଖ ରେକର୍ଡ ସୃଷ୍ଟି କରିଛି। ଏହି ଅତୁଳନୀୟ ସଫଳତା ପୂର୍ବରୁ ଦୁଇଟି ଅବସରରେ ହାସଲ କରାଯାଇଥିବା ସର୍ବୋଚ୍ଚ ୮୧ ବ୍ଲୋ ସହିତ ଯଥାକ୍ରମେ ଚଳିତ ବର୍ଷ ଜାନୁଆରୀ ୪ ତାରିଖ ରେ ୧୨,୫୧୪ ଟନ୍ ଏବଂ ୨୦୨୧ ମସିହା ମାର୍ଚ୍ଚ ୨୭ ତାରିଖରେ ୧୨,୮୧୮ ଟନ୍ ଉତ୍ପାଦନ ରେକର୍ଡକୁ ଅତିକ୍ରମ କରିଛି । ସେଲ୍, ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଅଗଷ୍ଟ ୩ ତାରିଖ ଦିନ ଏସଏମଏସ-୨ ପରିସର ଗସ୍ତ କରିବା ସମୟରେ ଏହି ଐତିହାସିକ ପ୍ରଦର୍ଶନ ସହିତ ଜଡ଼ିତ ପ୍ରତ୍ୟେକ ବିଭାଗ ଏବଂ ବ୍ୟକ୍ତିବିଶେଷଙ୍କୁ ଆନ୍ତରିକ ପ୍ରଶଂସା ଜଣାଇବା ସହ ସୁରକ୍ଷା, ଗୁଣବତା ଏବଂ କାର୍ଯ୍ୟଗତ ଶୃଙ୍ଖଳାର ସର୍ବୋଚ୍ଚ ମାନ ବଜାୟ ରଖି ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ଏହି ବ୍ୟତିକ୍ରମପୂର୍ଣ୍ଣ ପ୍ରଦର୍ଶନ ହେଉଛି ସୂକ୍ଷ୍ମ ଯୋଜନା, ସୁଚାରୁ ସମନ୍ୱୟ ଏବଂ ଦୃଢ଼ ଦଳଗତ କାର୍ଯ୍ୟର ପରିଣାମ। ଏହି ଗସ୍ତ ସମୟରେ ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ(କାର୍ଯ୍ୟ) ଶ୍ରୀ ବିଶ୍ୱ ରଞ୍ଜନ ପାଲାଇ, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଶ୍ରୀ ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଶ୍ରୀ ଏମ. ପି. ସିଂ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ସୁଦୀପ ପାଲଚୌଧୁରୀ, ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ ଓ ବିତ) ଶ୍ରୀ ରାଜେଶ ଦାସଗୁପ୍ତା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ବରିଷ୍ଠ ଅଧିକାରୀ ନିଜର ବିଚାର ବ୍ୟକ୍ତ କରିବା ସହ ଏହି ଅସାଧାରଣ ସଫଳତା ପାଇଁ ବିଭାଗ ଏବଂ ସହଯୋଗୀ ବିଭାଗଗୁଡ଼ିକୁ ଶୁଭେଚ୍ଛା ଜଣାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜୁନ୍ ୨୦୨୬ରେ ଅତ୍ୟାଧୁନିକ ଚତୁର୍ଥ ଲେଡଲ୍ ହିଟିଂ ଫର୍ନେସ୍ ଏବଂ ଜାନୁଆରୀ ୨୦୨୬ରେ ଚତୁର୍ଥ କଣ୍ଟିନୁଅସ୍ କାଷ୍ଟର ସଫଳ କାର୍ଯ୍ୟକ୍ଷମ ହେବା , ଏସଏମଏସ-୨ର ଉତ୍ପାଦନ କ୍ଷମତାକୁ ଯଥେଷ୍ଟ ସୁଦୃଢ଼ କରିଛି ଏବଂ ଏହି ଐତିହାସିକ ମାଇଲଖୁଣ୍ଟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ସଫଳତା ଅପରେସନ୍ସ, ଏସଏମଏସ-୨ର ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ ଶାଖା, ବ୍ଲାଷ୍ଟ ଫର୍ନେସ୍, ଅକ୍ସିଜେନ୍ ପ୍ଲାଣ୍ଟ, ପ୍ରୋଡକ୍ସନ୍ ପ୍ଲାନିଂ ଆଣ୍ଡ କଣ୍ଟ୍ରୋଲ୍, ରିସର୍ଚ୍ଚ ଆଣ୍ଡ କଣ୍ଟ୍ରୋଲ୍ ଲ୍ୟାବ୍, ଟ୍ରାଫିକ୍ ଆଣ୍ଡ ରମ୍ୟାଟେରିଆଲ୍, କମ୍ପ୍ୟୁଟର ଆଣ୍ଡ ଇନଫରମେସନ୍ ଟେକ୍ନୋଲୋଜି, ଇନଷ୍ଟ୍ରୁମେଣ୍ଟେସନ୍ ଆଣ୍ଡ ଅଟୋମେସନ୍, କ୍ୟାଲସାଇନିଂ ପ୍ଲାଣ୍ଟ-୨, ଫ୍ଲକ୍ସ ଆଣ୍ଡ ରିଫ୍ରାକ୍ଟରୀ, ଏବଂ ମ୍ୟାଟେରିଆଲ୍ ରିକଭରୀ ଡିପାର୍ଟମେଣ୍ଟ ସମେତ ସମସ୍ତ ସହଯୋଗୀ ବିଭାଗର ସାମୂହିକ ପ୍ରତିବଦ୍ଧତା ଏବଂ ନିରବଚ୍ଛିନ୍ନ ଉଦ୍ୟମର ପ୍ରମାଣ । ପ୍ରତ୍ୟେକ ସଦସ୍ୟଙ୍କ ଦ୍ୱାରା ପ୍ରଦର୍ଶିତ ଉତ୍ସର୍ଗୀକୃତ ମନୋଭାବ, ସହଯୋଗ ଏବଂ ନିଷ୍ଠା ଏହି ସଫଳତାକୁ ସମ୍ଭବ କରିବାରେ ସହାୟକ ହୋଇଥିଲା।

### ହଳଦୀବାହାଲରେ ଝଡ଼ ପରର ଯନ୍ତ୍ରଣା :

# ୭ ଦିନ ହେଲା ୧୪ ପରିବାରକୁ ଆଶ୍ରୟ ଦେଇଛି ସ୍କୁଲ

ସୁନ୍ଦରଗଡ଼,୪/୮(ନି/ପ୍ର): ଝଡ଼ ଉଜୁଡ଼ା ଘର ପିଣ୍ଡାରେ ମନମାରି ବସିଥିଲେ ପକ୍ଷାଘାତ ପୀଡ଼ିତ ମନବୋଧ ବେହେରା। ଗାଁ ସ୍କୁଲ ଅସ୍ଥାୟୀ ଆଶ୍ରୟସ୍ଥଳରୁ ସେ କିଛିସମୟ ପାଇଁ ସ୍ତ୍ରୀ ସପ୍ତସ୍ୱିନୀ ସହ ଆସିଥିଲେ ଘରକୁ। ଘର ଆଉ ଘର ହୋଇ ରହିନଥିଲା। ଝଡ଼ ବୁଲଡୋଜର ଭଳି ଟିଣଛପର ଓ ମାଟି କାନ୍ଥକୁ ଧସାଇ ଦେଇଥିଲା। ମନବୋଧ ସେଦିନ କଥା ମନେ ପକାଇ ଥରି ଯାଇଥିଲେ। ସେଦିନ ଥିଲା ଜୁଲାଇ ୨୮ ତାରିଖ ଅପରାହ୍ଣ। ସେ ଘରେ ଏକା ଥିଲେ, ବିଲକୁ ଯାଇଥିଲେ ସ୍ତ୍ରୀ। ଏହିସମୟରେ ହଠାତ୍ କଳାମେଘ ଘୋଟିଅଜାଡ଼ିଦେଲା ବର୍ଷା। ଭୟାନକ ରୂପ ଧରି ମାଡ଼ି ଆସିଲା ଘୂର୍ଣ୍ଣିଝଡ଼। ପୂରା ଗାଁକୁ ଦୋହଲାଇଦେଲା। ମାଟିଘର, ଟିଣଛପର କିଛି ରଖିଲା ନାହିଁ। ମନବୋଧଙ୍କ ଘର ବି ଭୁଶୁଡ଼ିଗଲା। ଘରର ଗୋଟିଏ କୋଣରେ ଜାକିଜୁକି ହୋଇ ବସି ଯାଇଥିଲେ ସେ। ଝଡ଼ ଥମିବା ପରେ ବିଲରୁ ଦୌଡ଼ିଆସିଥିଲେ ସ୍ତ୍ରୀ। ଘର ଭୁଶୁଡ଼ି ପଡ଼ିଥିବା ଦେଖି ସ୍ୱାମୀ ଆଉ ଜୀବନରେ ନଥିବେ ଭାବି କାନ୍ଦି ପକାଇଥିଲେ। ପରେ ସାହିପଡ଼ିଶା ଲୋକେ ଦୌଡ଼ି ଆସି ମନବୋଧଙ୍କୁ ଉଦ୍ଧାର କରି ସ୍କୁଲକୁ ନେଇଥିଲେ। ପ୍ରଶାସନିକ ଅଧିକାରୀ ଆସିଲେ। ତତ୍କାଳ ସହାୟତା ସ୍ୱରୂପ ପଲିଥିନ୍ ଖଣ୍ଡେ ଦେଇଗଲେ। 'ଘର ତ ଭୁଶୁଡ଼ି ପଡ଼ିଛି, ପଲିଥିନ୍ ନେଇ କେଉଁଠି ଢାଙ୍କିବି' କହୁଥିଲେ ସପ୍ତସ୍ୱିନୀ। 'ଘର ମରାମତି ପାଇଁ ପ୍ରଶାସନ ସରକାରଙ୍କୁ ଚିଠି ଲେଖିଥିବା କହୁଛନ୍ତି, ଏହା ମଧ୍ୟରେ ୭ ଦିନ ବିତିଗଲାଣି। କେବେ ସରକାରଙ୍କ ନିର୍ଦ୍ଦେଶ ଆସିବ, ଘର କେବେ ସଜଡ଼ା ହେବ। ବର୍ଷା ସମୟରେ କେତେଦିନ ସ୍କୁଲରେ ରହିବୁ'। ପଚାରୁଥିଲେ ସେ। ହେମଗିର ବ୍ଲକ୍ ଗୋପାଳପୁର ପଞ୍ଚାୟତ ହଳଦୀବାହାଲ ଗାଁରେ ବର୍ଷା ଓ ଝଡ଼ତୋଫାନ ରଚିଥିବା ବିପର୍ଯ୍ୟୟର ୭ ଦିନ ପରର ଛାତିଥରା ଚିତ୍ର ମଧ୍ୟରୁ ଏହା ଥିଲା ଗୋଟିଏ। ଗାଁର ଜୟନ୍ତୀ ବେହେରା, ବବଲୁ ସା, ଚୂଡ଼ାମଣି ବେହେରା, ଦୁବରାଜ ରଉଡ଼ିଆ, ଯଶୋବନ୍ତ ରଉଡ଼ିଆ, କଲ୍ୟାଣ ରଉଡ଼ିଆ, ଅଭିରାମ ରଉଡ଼ିଆ, ଜନନୀ ନାଗ, ଭଗତରାମ ନାଗ, ରଂଜିତ ସିଂ, ତୁଳାରାମ ସିଂ, ପଦ୍ମା ପୂଜାରୀ, ଉପେନ୍ଦ୍ର ନାଏକଙ୍କ ଘରକୁ ମଧ୍ୟ ଝଡ଼ ଉଜାଡ଼ି ଦେଇଛି।